# ସଫେଇ ହେଉନି ମହାନଦୀ ଘାଟ, ଉଦାସୀନ ପ୍ରଶାସନ





**ସମ୍ବଲପୁର, ୨୯।୧ (ସମିସ)**

ପ୍ରଦୂଷିତ ହେଉଛି ମହାନଦୀ ପାଣି। ମହାନଦୀ ଅବବାହିକାରେ ରହୁଥିବା ହଜାର ହଜାର ଲୋକ ପାଣି ନିତିଦିନ ବ୍ୟବହାର କରୁଥିବା ବେଳେ ପ୍ରଶାସନ ପକ୍ଷରୁ ସଫେଇ କରାଯାଉନାହିଁ। ଦୂଷିତ ପାଣି ବ୍ୟବହାର କରି ଲୋକେ ରୋଗଗ୍ରସ୍ତ ହେଉଛନ୍ତି। ତେବେ, ପ୍ରଶାସନିକ ଅଧିକାରୀ ମାନଙ୍କ ନଜର ପଡୁନାହିଁ। ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶିତ ହେଲେ କେଇଦିନ ପାଇଁ ତତ୍ପର ହେବାପରେ ପୁଣି 'ଯଥା ପୂର୍ବଂ, ତଥା ପରଂ'। ବର୍ଷକ ମଧ୍ୟରେ ପର୍ବପର୍ବାଣୀ ଆସିଲେ ମାତ୍ର ଦୁଇଥର ମହାନଦୀ ଘାଟ ସଫା କରାଯାଉଥିବାବେଳେ ଅନ୍ୟ ସମୟରେ ସେଥିରେ ଆବର୍ଜନା ଭାସୁଥିବା ଦେଖାଯାଉଛି।

ସମ୍ବଲପୁରର ମହାନଦୀ କୂଳରେ ରହୁଥିବା ବିଭିନ୍ନ ପଡ଼ବାସୀଙ୍କ ଜୀବନଧାରା ମହାନଦୀ। ପ୍ରତିଦିନ ସେମାନେ ସ୍ନାନ ତଥା ଅନ୍ୟ କାର୍ଯ୍ୟ ପାଇଁ ମହାନଦୀ ପାଣି ବ୍ୟବହାର କରିଥାନ୍ତି। ତେବେ, ଆନିକଟ ନିକଟସ୍ଥ ଘାଟକୁ ଦେଖିଲେ ପ୍ରଶାସନର ଉଦାସୀନତା ଜଳ ଜଳ ଦେଖାଯାଉଛି। ବର୍ଷା ସମୟରେ ଜଳସ୍ରୋତରେ ଆବର୍ଜନା ବହି ଯାଉଥିବାବେଳେ ଏବେ ଉପରମୁଣ୍ଡରୁ ପାଣି ଆସିବା ବନ୍ଦ ହୋଇଯାଇଥିବାରୁ ଏଠାରେ ପାଣି ଜମା ହୋଇ ରହିଛି। ଗତ ଗଣେଶ ପୂଜାଠାରୁ ଆରମ୍ଭ କରି ବିଭିନ୍ନ ପୂଜା ସମୟରେ ଏହି ଘାଟରେ ନିୟମ ଉଲ୍ଲଂଘନ କରି ମୂର୍ତ୍ତି ବିସର୍ଜନ କରାଯାଇଥିଲା। ଏହା ବିରୋଧରେ ପ୍ରଶାସନ ନିରବ ରହିଥିଲା। ଏହାପରେ ଲୋକେ ଏଠାରେ ପୂଜାଫୁଲ ଓ ସାମଗ୍ରୀ, ଘରର ଆବର୍ଜନା ଆଦି ପକାଉଛନ୍ତି। ପୁଣି ପାଣିରେ ଦଳ (ଜଗଲ) ଭର୍ତ୍ତି ହୋଇଛି, ସଫା କରାଯାଉନାହିଁ। କୁଢ଼ କୁଢ଼ ଆବର୍ଜନା ପାଣିରେ ମିଶୁଥିବା ଦେଖାଯାଉଛି। ପ୍ରତିଦିନ ଏହାର ପାଖ ଅଞ୍ଚଳରେ ଲୋକେ ଗାଧୋଉଥିବାବେଳେ ତାହା ଆଉ ବ୍ୟବହାରଯୋଗ୍ୟ ହୋଇ ରହିନାହିଁ। ମହାନଗର ନିଗମ ପକ୍ଷରୁ ରାସ୍ତାଘାଟ କିମ୍ବା ଅନ୍ୟ ସ୍ଥାନରେ ଅଳିଆ ଆବର୍ଜନା ପକାଇଲେ ଜୋରିମାନା କରିବା ବ୍ୟବସ୍ଥା ଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ 'ଶୂନ' ଥିବାରୁ ଲୋକେ ଏହାକୁ ବେଖାତିର କରୁଛନ୍ତି।

ସମ୍ବଲପୁରର ମହାନଦୀଠାରେ ରିଭର୍‌ଫ୍ରଣ୍ଟ ଡେଭଲପ୍‌ମେଣ୍ଟ କରି ଜଳକ୍ରୀଡ଼ା ସହିତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ହଜାର ହଜାର କୋଟି ଟଙ୍କାରେ ଯୋଜନା ଚାଲିଛି। ତେବେ, ସମ୍ବଲପୁର ସହରସ୍ଥିତ ମହାନଦୀର ୮ରୁ ୧୦ଟି ଘାଟକୁ ନିୟମିତ ସଫାକରି ସବୁବେଳେ ବ୍ୟବହାରଯୋଗ୍ୟ କରାଯାଇପାରୁନାହିଁ। ଏହି ଘାଟ ମାନଙ୍କରେ ଲୋକେ ଅଳିଆ ଆବର୍ଜନା ପକାଇବା ସହ ଝାଡ଼ା ଫେରୁଛନ୍ତି। ଖୋଲା ଶୌଚମୁକ୍ତ (ଓଡିଏଫ୍) ସମ୍ବଲପୁର କେବଳ ସ୍ୱପ୍ନରେ ରହିଯାଇଛି। ଏପରିକି କେତେକ ଘାଟରେ ପାହାଚ ଗୁଡ଼ିକ ଭାଙ୍ଗିରୁଜି ଯାଇଥିଲେ ହେଁ ବର୍ଷ ବର୍ଷ ଧରି ତାହାର ମରାମତି ଓ ସଂରକ୍ଷଣ କରାଯାଉନାହିଁ।

ବଡ଼ବଜାର ନିବାସୀ ପଞ୍ଚାନନ ତ୍ରିପାଠୀ କହିଛନ୍ତି, ମହାନଦୀ ଘାଟ ଗୁଡ଼ିକର ନିୟମିତ ଭାବେ ସଫେଇ ହେଉନାହିଁ। ଶୀତଳଷଷ୍ଠୀ, ଦଶହରା ଆସିଲେ ଘାଟ ସଫା ହୁଏ, ତାହା ବି ପ୍ରତିବର୍ଷ ହୁଏନାହିଁ। ଏଥର ଛଟ୍ ପୂଜାରେ ଘାଟ ସଫେଇ ହୋଇଥିଲା। ପାହାଚ ଗୁଡ଼ିକ ବହୁ ସ୍ଥାନରେ ଭାଙ୍ଗିରୁଜି ଯାଇଛି, ତାହାକୁ ମରାମତି କରାଯାଉନାହିଁ। ସମଲେଇ ପୀଠକୁ ବିକଶିତ କରାଯାଇଥିବାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଅନ୍ୟ ଜିଲ୍ଲା ତଥା ରାଜ୍ୟ ବାହାରୁ ଆସୁଛନ୍ତି। ସେମାନେ ଘାଟ ଗୁଡ଼ିକୁ ଦେଖିଲେ ସମ୍ବଲପୁରର କିଭଳି ପରିଚୟ ମନରେ ନେଇ କି ଯିବେ ତାହା ସମସ୍ତେ ଭାବିବା ଉଚିତ।



ଲକ୍ଷ୍ମୀଟକିଜ ଛକରେ ରାସ୍ତାକଡ଼ ନିର୍ମାଣର କେଇଦିନ ନଯାଉଣୁ ପେଭର୍ ବ୍ଲକ୍ ଉଠିଗଲାଣି।

# କବାଡ଼ି ପ୍ରତିଯୋଗିତା, ଅନାମିକା କ୍ଲବ୍ ଚାମ୍ପିଅନ

**ସମ୍ବଲପୁର, ୨୯।୧ (ସମିସ):** ପ୍ରଗତି ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ ପକ୍ଷରୁ ଚେରୁଆପଡ଼ା ଫାର୍ମରୋଡ ଠାରେ ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଅନାମିକା କ୍ଲବ୍ ଓ ପାଟଣେଶ୍ୱରୀ(କ) ଦଳ ମଧ୍ୟରେ ହୋଇଥିଲା।ଅନାମିକା କ୍ଲବ୍ ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସମାଜସେବୀ ତଥା ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା ମୁଖ୍ୟଅତିଥି, ଅଶ୍ୱିନୀ ସ୍ୱାଇଁ, ସୁଧିର ରଞ୍ଜନ ବହିଦାର, ନଳିନୀ ଦୋରା, ପ୍ରବୀଣ ସିଂଦେଓ ଏବଂ ଶିବ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସଭାପତି ମନୋଜ ଶର୍ମା, ସମ୍ପାଦକ ନବକିଶୋର ବାଗ, ରାଜେନ୍ଦ୍ର ସାହୁ, ଏକାମ ରଞ୍ଜନ ପତି, ବ୍ରହ୍ମାନନ୍ଦ ରାଉତ, ଭକ୍ତ ବାଗ, ସତ୍ୟମ ପରୁଆ, କୌଶିକ ସେଠ, ଭକ୍ତବନ୍ଧୁ ମହନ୍ତ, ନରେନ ମିଶ୍ର, ଦିବାକର ବଗର୍ତ୍ତୀ ଓ ବିନୋଦ ଭାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ତିନିଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ୧୬ଟି ଦଳ ଭାଗ ନେଇଥିଲେ। ସେହିପରି ଛୋଟ ଛୋଟ ପିଲାମାନଙ୍କୁ ଉତ୍ସାହିତ କରିବା ପାଇଁ ଚିତ୍ରାଙ୍କନ, ବକ୍ତୃତା, ଦୌଡି ଡିଆଁ ପ୍ରତିଯୋଗିତା ସହ ମ୍ୟୁଜିକାଲ ଚେୟାର ଆୟୋଜନ କରାଯାଇଥିଲା।



# ଜ୍ଞାନ ଆଦାନପ୍ରଦାନ କର୍ମଶାଳା




**ସମ୍ବଲପୁର, ୨୯।୧ (ସମିସ) :** ସମ୍ବଲପୁରରେ ଥିବା ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡରେ ଏକ ଦିବସୀୟ ଜ୍ଞାନ ଆଦାନପ୍ରଦାନ କର୍ମଶାଳାର ବୃତ୍ତିଗତ ପ୍ରାକ୍-ପ୍ରୋଗ୍ରାମ (ଥ୍ରି ପି ର ଏକ ଅଂଶ ଭାବରେ) ଆୟୋଜନ କରିଛି। ଶ୍ୟାମ ମେଟାଲିକ୍ସ ଲପାଙ୍ଗାର ଜି.ଏମ୍, ମାନବସମ୍ବଳ ଭୂପିନ୍ଦର ସିଂହ କୁଶୱାହା ଉକ୍ତ କର୍ମଶାଳାକୁ ଉଦଘାଟନ କରିଥିଲେ। ପ୍ରତିଷ୍ଠାନ ପକ୍ଷରୁ ପ୍ରଫେସର ସତ୍ୟପ୍ରିୟ ଶତପଥୀ ଉଦଘାଟନୀ ଭାଷଣ ପ୍ରଦାନ କରିଥିଲେ ଏବଂ ଶ୍ୟାମ ମେଟାଲିକ୍ସର କାର୍ଯ୍ୟରତ ବୃତ୍ତିଗତ ଇଂଜିନିୟରମାନଙ୍କୁ କାର୍ଯ୍ୟକ୍ରମର ସୂଚୀ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଇଆଇଟି, ଭୁବନେଶ୍ୱରର ସହଯୋଗୀ ପ୍ରଫେସର ଡକ୍ଟର ରାମକୃଷ୍ଣ ସାବତ ଡିଆର୍‌ଆଇ ଉତ୍ପାଦନ ପ୍ରକ୍ରିୟାର ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଉପରେ ତାଙ୍କ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅପରାହ୍ନ ଅଧିବେଶନରେ, ଡକ୍ଟର ରାମକୃଷ୍ଣ ସାବତ, ଶ୍ୟାମ ମେଟାଲିକ୍ସ କାର୍ଯ୍ୟରତ ଇଞ୍ଜିନିୟରମାନଙ୍କୁ ଇଣ୍ଡୁସିଅନ୍ ଫର୍ଣ୍ଣେସ୍ ଦ୍ୱାରା ଇସ୍ପାତ ତରଳାଇବା, ବୈଦ୍ୟୁତିକ ଆର୍କ ଫର୍ଣ୍ଣେସ୍, ହିଟ୍ ଟ୍ରିଟମେଣ୍ଟ ଏବଂ ଧାତୁ କାର୍ଯ୍ୟ (ରୋଲିଂ) ଉପରେ ଏକ ବିସ୍ତୃତ ଆଦାନପ୍ରଦାନ ଅଧିବେଶନ ଉପସ୍ଥାପନ କରିଥିଲେ। ଶେଷରେ ଅଂଶଗ୍ରହଣକାରୀମାନଙ୍କଠାରୁ ପ୍ରଶଂସାପତ୍ର ଗ୍ରହଣ କରାଯାଇଛି।

# ପିତାବଳୀ ମନ୍ଦିରରେ ଅଷ୍ଟାଧାତୁ ମୂର୍ତ୍ତି ପ୍ରାଣ ପ୍ରତିଷ୍ଠା



**ସମ୍ବଲପୁର, ୨୯।୧ (ସମିସ) :** ସମ୍ବଲପୁରର ସିନ୍ଦୁରପଙ୍କଠାରେ ମା' ପିତାବଳୀ ମନ୍ଦିରରେ ଅଷ୍ଟଧାତୁ ମୂର୍ତ୍ତିର ପ୍ରାଣପ୍ରତିଷ୍ଠା ସମ୍ପନ୍ନ ହୋଇଛି। ପୂଜକ ଜଗନ୍ନାଥ ଦାଶ ଓ ପଣ୍ଡିତ ଜିତେନ୍ଦ୍ରିୟ ଦାଶ ବିଧିପୂର୍ବକ ପୂଜାର୍ଚ୍ଚନା କରିଥିଲେ। ଏଥିରେ କର୍ତ୍ତାଭାବେ ସୂର୍ଯ୍ୟ କୁମାର ନାଥ ଓ ବନଜିନୀ ଦେବୀ, ଆନନ୍ଦ ଦାଶ ଓ ସୁପ୍ରିତି ଦେବୀ, ତନ୍ମୟ ଧର ଓ ପ୍ରିୟଙ୍କା ଦେବୀ, ସୋମନାଥ ପଣ୍ଡା ଓ ମଞ୍ଜୁଲତା ପଣ୍ଡା ଏବଂ କାହ୍ନୁ ଚରଣ ଧର ଓ ନମିତା ଧର ଦାୟିତ୍ୱ ତୁଲାଇଥିଲେ। ଗତ ୨୨ ତାରିଖରେ ଅଙ୍କୁରରୋପଣରୁ ପିତାବଳୀ ମନ୍ଦିରରେ ଅଷ୍ଟଧାତୁ ମୂର୍ତ୍ତି ପ୍ରାଣ ପ୍ରତିଷ୍ଠା ମହୋତ୍ସବ ଆ।।ରମ୍ଭ ହୋଇଥିଲା। ୨୬ ତାରିଖରେ ମଙ୍ଗଳାଚରଣ, କଳସ ଶୋଭାଯାତ୍ରା ଓ ଅନ୍ନାଭିଷେକ ଅନୁଷ୍ଠିତ ହୋଇଥିବାବେଳେ ୨୭ରେ ପୂଜାରମ୍ଭ, ମହାସ୍ନାନ ଓ ଚଣ୍ଡିହୋମ ଏବଂ ୨୮ରେ ବିଶେଷ ହୋମ ଓ ଦେବ ଦେବ ମହାଦେବଙ୍କ ମନ୍ଦିର ପ୍ରବେଶ ପରେ ପୂର୍ଣ୍ଣାହୁତି ପଡ଼ିଥିଲା। ତିନିଦିନ ଧରି ମନ୍ଦିର କମିଟି ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଆୟୋଜନରେ ବଜୟ କର, ମୋହନ ଧର, ଅମରେଶ ସାହୁ, ଅନନ୍ତ ପତି, ନିର୍ମଳ କର, ପଙ୍କଜ ସିଂ, ସୁଶାନ୍ତ ଧର, ଲୋକନାଥ ପଣ୍ଡା, ଆମୋଦ ଧର, ନିଳାଞ୍ଚଳ କର, ସୁଶାନ୍ତ ସାହୁ ପ୍ରମୁଖ ମନ୍ଦିର କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

# ଗଡ଼ିଲା ବିପର୍ଯ୍ୟୟ ପରିଚାଳନା ସଚେତନତା ରଥ



**ସମ୍ବଲପୁର, ୨୯।୧ (ସମିସ):** ଜିଲ୍ଲାବାସୀଙ୍କୁ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସଚେତନ କରିବା ପାଇଁ ଗୁରୁବାର ଜିଲ୍ଲାପାଳ କାର୍ଯ୍ୟାଳୟରୁ ବାହାରିଛି ସଚେତନତା ରଥ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରଥ ଜିଲ୍ଲାର ସମସ୍ତ ବ୍ଲକ ଓ ଗ୍ରାମ ପଞ୍ଚାୟତ ପରିକ୍ରମା କରିବ। ବିଭିନ୍ନ ବିପର୍ଯ୍ୟୟ ଯଥା - ଅଂଶୁଘାତ, ବଜ୍ରପାତ, ସାପକାମୁଡ଼ା, ଶୀତଳହରୀ, ପାଣିରେ ବୁଡ଼ି ମରିବା ଆଦିରେ ସତର୍କତା ଅବଲମ୍ବନ କରିବାସହ ଅଘଟଣ କ୍ଷେତ୍ରରେ ସରକାରୀ ସହାୟତା ବିଷୟରେ ଲୋକଙ୍କୁ ଅବଗତ କରିବ। ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜୟନାରାୟଣ ନନ୍ଦଙ୍କ ପରଲୋକ

**ସମ୍ବଲପୁର, ୨୯।୧ (ସମିସ) :** ମୁଦିପଡ଼ାନିବାସୀ ବିଶିଷ୍ଟ କର୍ଣ୍ଣ, ନାଶା ଓ ଗଳା ବିଶେଷଜ୍ଞ ଡାକ୍ତର ଜୟନାରାୟଣ ନନ୍ଦଙ୍କ ଗତକାଲି ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ସ୍ଥାନରେ ସରକାରୀ ଚିକିତ୍ସାଳୟ ଗୁଡିକରେ ରୋଗୀ ଚିକିତ୍ସାରେ ସେ ବେଶ୍ ଲୋକପ୍ରିୟ ଥିଲେ। ଚିକିତ୍ସା କ୍ଷେତ୍ରରେ ନିପୁଣତା ସହ ସାହିତ୍ୟ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ଜ୍ଞାନର ଅଧିକାରୀ ଥିଲେ। ତାଙ୍କ ପଛରେ ପତ୍ନୀ ସୁଚିତ୍ରା, ପୁଅ ଅବିନାଶ, ଦୁଇଝିଅ ଶ୍ରୁତି ଓ ସ୍ମିତା ତଥା ନାତିନାତୁଣୀ ଛାଡ଼ି ଯାଇଛନ୍ତି। ଗୁରୁବାର ସକାଳେ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।



# ରେଢ଼ାଖୋଲରେ ପ୍ରଥମ ଲୋକମହୋତ୍ସବ

**ସମ୍ବଲପୁର, ୨୯।୧ (ସମିସ):** ଚଳିତବର୍ଷ ପ୍ରଥମଥର ପାଇଁ ରେଢ଼ାଖୋଲରେ ସ୍ଥାନୀୟ ଉପଜିଲ୍ଲାପାଳ ଏବଂ ଉତ୍ସାହୀ ସଂସ୍କୃତି ପ୍ରେମୀ ଯୁବକଙ୍କ ପ୍ରଚେଷ୍ଟାରେ ଲୋକମହୋତ୍ସବ ଅନୁଷ୍ଠିତ ହେଉଛି। ଏହାଦ୍ୱାରା ରେଢ଼ାଖୋଲର କଳା ସଂସ୍କୃତି ଆହୁରି ପରିବର୍ଦ୍ଧିତ ହେଇପାରିବ ଏବଂ ସ୍ଥାନୀୟ ଲୋକକଳା ସୁଦୂର ପ୍ରସାରି ହେଇପାରିବ ବୋଲି ଅଚ୍ୟୁତାନନ୍ଦ ଦାଶ ଆଶାପ୍ରକାଶ କରିଛନ୍ତି।

ବର୍ତ୍ତମାନର ରେଢ଼ାଖୋଲ ସହର ପୂର୍ବରୁ ଏକ ସୁରମ୍ୟ ପାହାଡ ପର୍ବତ ଘେରା ଗୋଟିଏ ଛୋଟିଆ ଗ୍ରାମର ପରିଚୟ ବହନ କରୁଥିଲା ବେଳେ ରାଜୁଡା ସମୟରେ ତତ୍କାଳୀନ ରାଜାଙ୍କ ରାଜଧାନୀ ରୂପେ ପରିଗଣିତ ହେଉଥିଲା। ଗ୍ରାମ୍ୟଦେବୀ ଆରାଧ୍ୟା ପାଞ୍ଚଖଣ୍ଡା ଥିଲେ ଏ ଅଞ୍ଚଳର ଇଷ୍ଟଦେବୀ। ସମ୍ପ୍ରତି 'ଭୀମମଣ୍ଡଳୀ'ର ରହସ୍ୟ ଉନ୍ମୋଚନ ପରେ ରେଢ଼ାଖୋଲ ଇତିହାସ ଆହୁରି ପରିପୃଷ୍ଟ ହେଇପାରିଛି। ରେଢ଼ାଖୋଲ କେବଳ ଆଜି ନୁହେଁ, ତାର ସୁଦୀର୍ଘ ଅତୀତ ମଧ୍ୟ କଳା ସଂସ୍କୃତିର ଗୌରବମୟ ଅଧ୍ୟାୟକୁ ଉଜ୍ଜୀବିତ କରି ରଖିଥିଲା। ବିଶ୍ୱ ପ୍ରସିଦ୍ଧ ସନ୍ଥକବି ଭୀମଭୋଇଙ୍କ ଭକ୍ତି, ଭାବଭରା କାବ୍ୟ କବିତାବଳି ଏ ମାଟିକୁ ଧନ୍ୟ କରିଛି। ଖଞ୍ଜଣୀର ତାଳେ ତାଳେ ସନ୍ଥ କବି ତଥା ତାଙ୍କ ଶିଷ୍ୟମାନଙ୍କ ଦ୍ୱାରା ଭଜନ ପରିବେଷଣ ଏ ଅଞ୍ଚଳକୁ ସମ୍ମୋହିତ କରୁଥିଲା। ରେଢ଼ାଖୋଲ ସହର ନିକଟସ୍ଥ ଗ୍ରାମ ବୁର୍ଡା ବଡ଼ମାଳ ଗ୍ରାମରେ ଜନ୍ମିତ ଭିମା ଧୀବରଙ୍କ ମହାଭାରତ ଉପରେ ରଚିତ କାବ୍ୟ 'କପଟପାଶା' ଏକ ଅନନ୍ୟ କୃତି ଯାହା ଓଡ଼ିଆ ସାହିତ୍ୟ ଜଗତ ପ୍ରତି ଅନବଦ୍ୟ ଉପହାର। ରେଢ଼ାଖୋଲର ପ୍ରତ୍ୟେକଟି ସାଧାରଣ ଗ୍ରାମୀଣ ଜନତା ଗୋଟିଏ ଗୋଟିଏ କଳାକାର ରୂପେ ନିଜର ଆତ୍ମପ୍ରକାଶ କରିଥାଏ। ଗୋଟିଏ ଫସଲ ଅମଳ ପରେ ଟିକିଏ ବିଶ୍ରାମ ଆଉ ମନୋରଞ୍ଜନ ଉଦ୍ଦେଶ୍ୟରେ ଗାଁ ଗାଁରେ ଗ୍ରୀଷ୍ମ ଋତୁରେ ଦଣ୍ଡ ଯାତ୍ରା ଆରମ୍ଭ ହୋଇଯାଇଥାଏ। 'ବଣ୍ଡିବୁତଲ'(ରାଧା କୃଷ୍ଣ ଓ ଲଳିତା ବିଶାଖାଙ୍କ ଚରିତ୍ରକୁ ନେଇ) ଗୀତ, ଢୋଲ ମହୁରୀ ସହିତ ନୃତ୍ୟ ପରିବେଷଣ ପରିବେଶକୁ ରୋମାଞ୍ଚିତ କରିବା ସଙ୍ଗେ ସଙ୍ଗେ 'କୃଷ୍ଣଗୁରୁ' ନୃତ୍ୟ ଦର୍ଶକଙ୍କ ମନରେ ଭକ୍ତି ଉଦ୍ରେକ କରିଥାଏ। ମୁକ୍ତାକାଶ ମଞ୍ଚ ପରେ ଆମେ ଯଦି ଦୃଷ୍ଟି ପକେଇବା ରଙ୍ଗମଞ୍ଚ ଉପରେ ପରିବେଷଣ କରାଯାଉଥିବା ନାଟକ ନାଟିକା ଉପରେ, ସେଥିରେ ବି ପଛରେ ନଥିଲେ ରେଢ଼ାଖୋଲର କଳାକୁ ଅତିଶୟ ଭଲ ପାଉଥିବା କଳାକାରମାନେ। ରଘୁନାଥ ମନ୍ଦିର ପ୍ରାଙ୍ଗଣ ଓ ଟାଉନ କ୍ଲବ ପରିସର ସବୁ କଳା ପ୍ରଦର୍ଶନର ମୂକସାକ୍ଷୀ ହୋଇ ଆଜି ବି ଛିଡ଼ା ହେଇଛନ୍ତି। ସେ ସମୟରେ 'ଲୁହାଶିଙ୍କୁଳି', 'ଖଇ କଉଡ଼ି', 'ପଦ୍ମାବତୀ', 'ଚକ୍ରୀ', 'ଲକ୍ଷହୀରା' ଓ ବିଶେଷ ଭାବରେ ଅମଲାଙ୍କ ଦ୍ୱାରା ଅଭିନୀତ ନାଟକ 'ସଂକଳ୍ପ' ହଇଚଇ ସୃଷ୍ଟି କରିଥିଲା ଦର୍ଶକ ମହଲରେ।କଦମ୍ବ ପଡ଼ିଆରେ ରାଷ୍ଟ୍ରୀୟ ଉତ୍ସବ ଦିବସରେ ସଙ୍ଗୀତ ସମାରୋହମାନ ଅନୁଷ୍ଠିତ ହେଉଥିଲା। କିନ୍ତୁ ୧୯୭୯-୧୯୮୦ ମସିହାରେ ରେଢ଼ାଖୋଲରେ କଳାକ୍ଷେତ୍ରରେ ଏକ ବିପ୍ଳବ ସୃଷ୍ଟି ହେଇଥିଲା। ଆନୁଷ୍ଠାନିକ ଭାବରେ ସ୍ଥାପିତ ହୋଇଥିଲା 'ଜାଗୃତି' ନାମକ ଏକ ଅନୁଷ୍ଠାନ। କ୍ରମାନ୍ୱୟରେ ନାଟକ 'ଭରତ ମିଳନ', 'ନର ଦେବତା' ଆଦି ମଞ୍ଚସ୍ଥ ହେଇଥିଲା ଯାହା ଖୁବ ବ୍ୟୟବହୁଳ ଓ ଆଡମ୍ବରପୂର୍ଣ୍ଣ ଥିଲା।

# ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀରେ ସମ୍ବର୍ଦ୍ଧନା ସଭା

**ସମ୍ବଲପୁର, ୨୯।୧ (ସମିସ):** ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ତରଫରୁ ଆଇଆଇଏମ୍‌ର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲଙ୍କୁ ତାଙ୍କ ସଫଳତା ଓ ଅନୁଷ୍ଠାନର ଉନ୍ନତି ପାଇଁ କରିଥିବା କାମର ସମ୍ମାନସ୍ୱରୂପ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସମ୍ବଲପୁର ସହରର ବିଭିନ୍ନ ଅନୁଷ୍ଠାନ ଜିଲ୍ଲା ଓକିଲ ସଂଘ, ପ୍ରୋଗ୍ରେସିଭ ସମ୍ବଲପୁର, ଲିମସରିଏନ ଯୁବ ସଚେତନ ସଂଘ, ମା' ସମଲେଶ୍ୱରୀ ଟ୍ରଷ୍ଟ ଓ ପ୍ରେସ କ୍ଲବ ତରଫରୁ ଯଥାକ୍ରମେ ପ୍ରଦୀପ ବହିଦାର, ସପନ ମିଶ୍ର, ଲିମସରେନ ଟିମ, ସଞ୍ଜୟ ବାବୁ, ପ୍ରଫୁଲ୍ଲ ହୋତା, ତ୍ରିବିକ୍ରମ ପ୍ରଧାନ, ଭବାନୀ ଭୋଇ, ମାନସ, ଡାକ୍ତର ଜୟଦେବ ମେହେର ପ୍ରମୁଖ ନିଜ ନିଜ ଅନୁଷ୍ଠାନ ତରଫରୁ ପ୍ରଫେସର ଜୟସ୍ୱାଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଭାସି ମାଧ୍ୟମରେ ଦିଲ୍ଲୀରୁ ପ୍ରଫେସର ଗର୍ଗ, ଭୁବନେଶ୍ୱରରୁ ପ୍ରାକ୍ତନ ଆରଡିସି ଡଃ ନିରଞ୍ଜନ ସାହୁ, ନାଗପୁରରୁ ପ୍ରଫେସର ରବୀନ୍ଦ୍ର ଜେନା ପ୍ରମୁଖ ପ୍ରଫେସର ଜୟସ୍ୱାଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଆଇଆଇଏମ୍‌ର ସି.ଏ.ଓ ଅମୃତ ମହାନ୍ତି, ପ୍ରଫେସର ଶଙ୍କର ପ୍ରସାଦ ପତି, ପବ୍ଲିକ ଲାଇବ୍ରେରୀର ସଭ୍ୟସଚିବ ରଘୁନାଥ ମିଶ୍ର ମଞ୍ଚାସୀନ ଥିଲେ। ରାଜେନ୍ଦ୍ର ପଣ୍ଡା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପୃଥ୍ୱୀରାଜ ମିଶ୍ର ଓ ବିଜୟ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥



**ସ୍ୱ ଦେବବାଳା ମହାପାତ୍ର**

ମହତାବ ରୋଡ୍, କଟକ

ଆବିର୍ଭାବ : ୧୯.୦୨.୧୯୨୯
ତିରୋଧାନ : ୨୦.୦୧.୨୦୨୬

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା

ଶୋକସନ୍ତପ୍ତ: ପରିବାରବର୍ଗ ଓ ବନ୍ଧୁବାନ୍ଧବ

## ସମ୍ବଲପୁର ପୁସ୍ତକମେଳାର ଷଷ୍ଠ ଦିବସ

# 'ସମାଜ ପରିବର୍ତ୍ତନ କ୍ଷେତ୍ରରେ ସାହିତ୍ୟର ବହୁ ପ୍ରଭାବ ରହିଛି'

**ସମ୍ବଲପୁର, ୨୯।୧(ସମିସ)**

'ସେତୁ' ପ୍ରାୟୋଜିତ ସାରସ୍ୱତ କାର୍ଯ୍ୟକ୍ରମରେ ଆଜି ଥିଲା 'ଲେଖକଙ୍କୁ ସାକ୍ଷାତକାର'। ବିଶିଷ୍ଟ ପ୍ରାବନ୍ଧିକ ପ୍ରଫେସର ଧନେଶ୍ୱର ସାହୁଙ୍କ ସହ ସାକ୍ଷାତ କରିଥିଲେ ପ୍ରଫେସର ଅଖିଳ ବିଶ୍ୱାଳ। 'ସେତୁ' ସଭାପତି ଡକ୍ଟର ମୀନକେତନ ପାଠୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପ୍ରଫେସର ସାହୁ ମାନବିକତା, ଜିଜ୍ଞାସା ଓ ହେତୁବୋଧ ଉପରେ ବିଶଦ ଯୁକ୍ତି ବାଢ଼ିଥିଲେ। ସେ ଏକେଶ୍ୱରବାଦ ଓ ନିରୀଶ୍ୱରବାଦକୁ ନେଇ ଭାରତୀୟ ପ୍ରେକ୍ଷାପଟରେ ଆଲୋଚନା କରିଥିଲେ। ଏହାସହିତ ଭାରତୀୟ ବିଚାର ଓ ଦର୍ଶନକୁ ଭିନ୍ନ ଭିନ୍ନ ବୋଲି ମତପୋଷଣ କରିଥିଲେ। ହେତୁବୋଧକୁ ମାନବିକ ଆବେଦନ ସହିତ ଏକ ବୋଲି ମତ ରଖିଥିଲେ। ସେ କହିଥିଲେ ଯେ, ସାହିତ୍ୟ ଏକ ସୃଜନ କ୍ରିୟା। ସାହିତ୍ୟର ଗଦ୍ୟ ସାହିତ୍ୟ ଓ ପଦ୍ୟ ସାହିତ୍ୟ ଆଦି ବିଭିନ୍ନ ବର୍ଗ ରହିଛି। ଆମେ ଯେଉଁ ମାନବୀୟ ସମସ୍ୟା ବା ମାନବୀୟ ଦ୍ୱନ୍ଦ୍ୱ ଆଣୁଛେ, ତାହା ହେଉଛି ସୃଜନାତ୍ମକ ସାହିତ୍ୟ। କିନ୍ତୁ ଆମେ ଯେତେବେଳେ ପ୍ରବନ୍ଧକୁ ଆସୁଛେ ତାହା ହେଉଛି ବୌଦ୍ଧିକ ସୃଜନ। ପ୍ରବନ୍ଧ ଲେଖିବା ସମୟରେ ପ୍ରାବନ୍ଧିକ ବିଚାରଧାରାକୁ କିପରି ବିଶ୍ଳେଷଣ କରୁଛନ୍ତି ଓ ତର୍କ କିପରି ଦେଉଛନ୍ତି ତାହା ଦେଖାଯାଏ। ପ୍ରବନ୍ଧ ଯୁକ୍ତିସଙ୍ଗତ; ଏଥିରେ ଅନୁଶୀଳନ, ସମାଲୋଚନା; ଚିନ୍ତା, ବିଶ୍ଳେଷଣ, ଗୂଢ଼ତତ୍ତ୍ୱ ଥାଏ ଓ ଆବେଗ ନଥାଏ। ଗୋଟିଏ ପୁସ୍ତକର ପ୍ରଭାବ ସଭ୍ୟତାରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥାଏ ବୋଲି କହିବା ସହ ପ୍ରଫେସର ସାହୁ 'ଡିସେଣ୍ଟ ଅଫ୍ ମ୍ୟାନ୍', 'ଅରିଜିନ୍ ଅଫ୍ ସ୍ପେଶିସ', 'ଦାସ କ୍ୟାପିଟାଲ', 'ଅଙ୍କଲ ଟମ୍ସ କେବିନ୍', 'ସାଇଲେଣ୍ଟ ସ୍ପ୍ରିଙ୍ଗ୍' ଆଦି ପୁସ୍ତକ ସହ ଓଡ଼ିଆ ସାହିତ୍ୟର 'ରେବତୀ' ଓ 'ଛ'ମାଣ ଆଠଗୁଣ୍ଠ' ଆଦି ବିଷୟରେ କହିଥିଲେ। ଶେଷରେ ସେ ସମାଜ ପରିବର୍ତ୍ତନ କ୍ଷେତ୍ରରେ ସାହିତ୍ୟର ବହୁ ପ୍ରଭାବ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁ ସାରସ୍ୱତ ଅଧିବେଶନରେ ଅତିଥି ଭାବରେ ଯୋଗ ଦେଇଥିଲେ। 'ସେତୁ' ସମ୍ପାଦକ ହରିନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ।






ସମ୍ବଲପୁର ପୁସ୍ତକମେଳାରେ ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ (ଏନ୍‌ବିଟି)ର ଜାତୀୟ ଶିଶୁସାହିତ୍ୟ କେନ୍ଦ୍ର (ଏନ୍‌ସିସିଏଲ୍) ତରଫରୁ ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ପିଲାମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଶିଶୁ ମଣ୍ଡପରେ- 'ଫିଲ ଦ ଏଣ୍ଟାୟାର ୱାର୍ଲଡ ୱିଥ୍ କଲର', 'ରିଡ୍ ବିଅଣ୍ଡ ଦ ଷ୍ଟାର୍ସ', 'ଗୋଣ୍ଡ ଚିତ୍ରକଳା', 'ରାଷ୍ଟ୍ରୀୟ ଇ-ପୁସ୍ତକାଳୟ', 'ରଙ୍ଗ ଦୋ ଦୁନିଆ ସାରି' ଆଦି ୬ଟି କର୍ଣ୍ଣର ରହିଥିବାବେଳେ ଖୋଲା ମଞ୍ଚ ପିଲାମାନଙ୍କ ପାଇଁ ଏକ ପ୍ଲାଟଫର୍ମ ସାଜିଛି। ଏଠାରେ କାହାଣୀ କଥନ ଅଧିବେଶନ, ସଙ୍ଗୀତ, କୁଇଜ୍, ଚିତ୍ରାଙ୍କନ ଏବଂ ସ୍ଲୋଗାନ-ଲେଖା ପ୍ରତିଯୋଗିତା, ପୋଷ୍ଟର ଡିଜାଇନ କର୍ମଶାଳା ସହ ଯୋଗ, ବିଜ୍ଞାନ ସହିତ ମଜା, ପଟ୍ଟଚିତ୍ର କଳା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଅଭିଜ୍ଞ ବ୍ୟକ୍ତିବିଶେଷଙ୍କ ସହ ଏନ୍‌ସିସିଏଲ୍‌ର ପ୍ରଶିକ୍ଷକମାନେ ପିଲାମାନଙ୍କୁ ବିଭିନ୍ନ କଥା ଶିଖାଉଛନ୍ତି। ପୁସ୍ତକମେଳାର ଷଷ୍ଠ ଦିବସରେ ଆଜି ପ୍ରଥମ କାର୍ଯ୍ୟକ୍ରମ ଥିଲା ପ୍ରାଚୀତାରା ମିଶ୍ରଙ୍କ କାହାଣୀ କଥନ। ତାଙ୍କ କାହାଣୀ ବଖାଣିବା ଶୈଳୀ ଅନନ୍ୟ ଥିଲା। ପିଲାମାନେ ଉପଭୋଗ କରିବାସହ କାହାଣୀର ଜଣେ ଜଣେ ପାତ୍ର ପାଲଟି ଯାଇଥିଲେ। ଏହାପରେ ଗୌରହରି ବିଶ୍ୱାଳ ଥିଏଟର୍ ୱାର୍କସପ୍ କରିଥିଲେ। ଏଥିରେ ଅଭିନୟର ଶୈଳୀ ଓ ନିଖୁଣତା ବିଷୟରେ ସେ ବର୍ଣ୍ଣନା କରିବାସହ ଇମ୍-ପ୍ରମ୍‌ଟୋ ଅଭିନୟ ଶିଖାଇଥିଲେ। ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ପକ୍ଷରୁ ଶେଷ କାର୍ଯ୍ୟକ୍ରମ ସ୍ଲୋଗାନ-ଲିଖନ ପ୍ରତିଯୋଗିତାରେ ସମସ୍ତ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଆଜି ୧୫ଟି ବିଦ୍ୟାଳୟର ପ୍ରାୟ ୧୨ ଶହ ଛାତ୍ରଛାତ୍ରୀ ବିଭିନ୍ନ ଶିଶୁଭିତ୍ତିକ କାର୍ଯ୍ୟକଳାପରେ ଯୋଗ ଦେଇଥିଲେ। ଏନ୍‌ବିଟି ପକ୍ଷରୁ ଶିଶୁ-ମଣ୍ଡପ ସମ୍ବଲପୁରର ପିଲା ତଥା ଅଭିଭାବକ ମହଲରେ ଏକ ନୂତନ ପରିଚିତି ସୃଷ୍ଟି କରିଛି।

ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଗାୟକ ଶାଶ୍ୱତ ତ୍ରିପାଠୀ ଓ ତାଙ୍କ ଗ୍ରୁପ୍ ସମ୍ବଲପୁରୀ ଓ ଅନ୍ୟାନ୍ୟ ଗୀତକୁ ନେଇ ପୁସ୍ତକମେଳାରେ ଶ୍ରୋତାଙ୍କ ମନୋରଞ୍ଜନ କରିଥିଲେ। ସେ ଲୋକପ୍ରିୟ ସମ୍ବଲପୁରୀ ଗୀତ ପରିବେଷଣ କରିଥିବାବେଳେ ଉପସ୍ଥିତ ଜନତା ତାଙ୍କସହ ତାଳରେ ତାଳ ମିଳାଇ ଗାଇଥିଲେ।

# ଜନ୍ମନେବାର ୯୦ଦିନ ପରେ ସୁସ୍ଥହେଲେ ଜାଆଁଳା ଶିଶୁକନ୍ୟା



**ସମ୍ବଲପୁର, ୨୯।୧ (ସମିସ):** ବରଗଡ଼ ଅଞ୍ଚଳର ଜଣେ ଆସନ୍ନପ୍ରସବା ମହିଳା ମାତ୍ର ୬ ମାସ ୧୫ ଦିନରେ ପ୍ରସବ ଯନ୍ତ୍ରଣା ହେବାରୁ ସମ୍ବଲପୁର ଭାଲୁପାଲିସ୍ଥିତ କ୍ରିଷ୍ଣା ବିକାଶ ହସ୍ପିଟାଲକୁ ଆସିଥିଲେ। ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ବିସ୍ମୟ କୁମାର ଷଡ଼ଙ୍ଗୀ ଏହି କଷ୍ଟସାଧ୍ୟ ଜରୁରୀକାଳୀନ ପ୍ରସବ ରାତି ୧୨ଟା ସମୟରେ ସଫଳତାର ସହ କରିଥିଲେ। ତାଙ୍କର ଦୁଇ ଜାଆଁଳା ଶିଶୁ କନ୍ୟା ଜନ୍ମ ହୋଇଥିଲେ। ମାତ୍ର ସମ୍ପୂର୍ଣ୍ଣ ଅବଧି ପୂର୍ବରୁ ଜନ୍ମ ନେଇଥିବାରୁ, ଅପୂର୍ଣ୍ଣ ଶାରୀରିକ ବିକାଶ ହେତୁ କମ ଓଜନ ରହିଥିଲା। ଗୋଟିଏ ଶିଶୁ ୧ ହଜାର ଗ୍ରାମ ଓ ଅନ୍ୟ ଶିଶୁଟି ୭ ଶହ ଗ୍ରାମ ଓଜନ ଥିବାରୁ ଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ, ସଂଗ୍ରମର ସହ ଅନେକ ସମସ୍ୟା ଉପୁଜିଥିବାରୁ ଶିଶୁକନ୍ୟା ଦ୍ୱୟଙ୍କୁ କ୍ରିଷ୍ଣା ବିକାଶର ଅତ୍ୟାଧୁନିକ ଏନ୍ଆଇସିୟୁରେ ଡା. ନିର୍ମଳ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ରଖାଯାଇଥିଲା। ଡାକ୍ତର, ନର୍ସ, ପାରା ମେଡିକାଲ ଷ୍ଟାଫଙ୍କ ଅକ୍ଳାନ୍ତ ଉଦ୍ୟମ ଏବଂ ଆନୁସଙ୍ଗିକ ଚିକିତ୍ସା ଦ୍ୱାରା ଦୀର୍ଘ ୯୦ ଦିନ ପରେ ଓଜନ ଯଥାକ୍ରମେ ୧.୬ କିଲୋ ଏବଂ ୨.୨ କିଲୋ ସହିତ ସୁସ୍ଥ ହୋଇ ଶିଶୁ କନ୍ୟା ଦ୍ୱୟ ମା'କୋଳକୁ ଫେରିଛନ୍ତି। ଏହି ସଫଳତା ପାଇଁ କ୍ରିଷ୍ଣା ବିକାଶ ହସ୍ପିଟାଲର ଚେୟାରମ୍ୟାନ ଡି. ମୁରଲୀକ୍ରିଷ୍ଣା ଡାକ୍ତରୀ ଟିମ୍ ଏବଂ ମାତାପିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## 'ପଶ୍ଚିମ ଓଡ଼ିଶା ପର୍ଯ୍ୟଟନ: ସମ୍ଭାବନା ଏବଂ ପଥ' ଶୀର୍ଷକ କର୍ମଶାଳା

# 'ପର୍ଯ୍ୟଟନ ମାଧ୍ୟମରେ ଆଞ୍ଚଳିକ ବିକାଶ ସମ୍ଭବ'

**ସମ୍ବଲପୁର, ୨୯।୧(ସମିସ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ଏବଂ ଓଡ଼ିଶା ଗବେଷଣା କେନ୍ଦ୍ର (ଓଆର୍‌ସି), ଭୁବନେଶ୍ୱର ପକ୍ଷରୁ ମିଳିତ ଭାବରେ ବିଶ୍ୱବିଦ୍ୟାଳୟର ଭିସି ସମ୍ମିଳନୀ କକ୍ଷରେ 'ପଶ୍ଚିମ ଓଡ଼ିଶା ପର୍ଯ୍ୟଟନ: ସମ୍ଭାବନା ଏବଂ ପଥ' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅର୍ଥନୀତି ବିଭାଗ ମୁଖ୍ୟ ଡ. ଉମାଚରଣ ପତି ସ୍ୱାଗତ ଭାଷଣ ପ୍ରଦାନ କରି ପଶ୍ଚିମ ଓଡ଼ିଶାର ବିପୁଳ ପର୍ଯ୍ୟଟନ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଅଞ୍ଚଳରେ ସ୍ଥାୟୀ ପର୍ଯ୍ୟଟନ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଶୈକ୍ଷିକ ବ୍ୟବସ୍ଥିତି ଏବଂ ନୀତି-ଆଭିମୁଖୀ ବିଚାର-ବିମର୍ଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାର ସଂଯୋଜକ ସହକାରୀ ପ୍ରଫେସର ଅନୁରଞ୍ଜନ ଟେଟେ ଅତିଥି ପରିଚୟ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ତାଙ୍କ ବକ୍ତବ୍ୟରେ ସ୍ଥାନୀୟ ଏବଂ ଜନଜାତି ପର୍ଯ୍ୟଟନ ଏବଂ ପର୍ଯ୍ୟଟନ ମାଧ୍ୟମରେ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହିତ କରିବାରେ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ




ଅତିଥି ଓଡ଼ିଶା ଗବେଷଣା କେନ୍ଦ୍ର, ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ କର୍ମଶାଳାର ଧାରଣାଗତ ଢାଞ୍ଚା, ବିଚାର ଆଲୋଚନାରୁ ତାଙ୍କର ଆଶା ଏବଂ ଓଆର୍‌ସିର ଭବିଷ୍ୟତ ଦୃଷ୍ଟିକୋଣ ଏବଂ ଯୋଜନା ବିଷୟରେ କହିଥିଲେ। ମୁଖ୍ୟ ଅତିଥି ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ମହିଳା ସଶକ୍ତିକରଣ ଏବଂ ଶିକ୍ଷାଦାନ ଏବଂ ଶିକ୍ଷଣରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର କ୍ଷେତ୍ରରେ ଆଇଆଇଏମ୍ ସମ୍ବଲପୁର ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଥିଲେ। କର୍ମଶାଳାର ବିଷୟବସ୍ତୁ ସହିତ ତାଙ୍କ ଅଭିଭାଷଣକୁ ସଂଯୋଗ କରି, ସେ ଦେଶର ଏହି ଅଂଶରେ ପର୍ଯ୍ୟଟନକୁ ବିଶ୍ୱସ୍ତରୀୟ କରିବା ପାଇଁ ତିନୋଟି 'ସି' - ବିଷୟବସ୍ତୁ, ଯୋଗାଯୋଗ ଏବଂ ସଂଯୋଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ସହକାରୀ ପ୍ରଫେସର ଅକ୍ଷୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ବୈଷୟିକ ଅଧିବେଶନର ସଂଯୋଜନା ସହକାରୀ ପ୍ରଫେସର ଡକ୍ଟର ପ୍ରିୟଦର୍ଶୀ ଯୋଶୀ କରିଥିଲେ। ଏହି ଅଧିବେଶନରେ ସମ୍ବଲପୁର ପର୍ଯ୍ୟଟନ ଗବେଷକ ଲଳିତ କୁମାର ଜେନା; ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର ଦଳାଇ; ଆଇଆଇଏମ୍ ସମ୍ବଲପୁରର ସହକାରୀ ପ୍ରଫେସର ଡକ୍ଟର ହେମଚନ୍ଦ୍ର ପ୍ରଧାନ ଏବଂ ଜିଏମ୍‌ୟୁ ସହକାରୀ ପ୍ରଫେସର ଡକ୍ଟର ସନ୍ତୋଷ କୁମାର ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବକ୍ତାମାନେ ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନ ବିକାଶ ସହିତ ଜଡିତ ବିଭିନ୍ନ ଦିଗ, ସୁଯୋଗ ଏବଂ ଚ୍ୟାଲେଞ୍ଜ ଉପରେ ଆଲୋଚନା କରିଥିଲେ। ଶେଷରେ ବିଭାଗୀୟ ମୁଖ୍ୟ ଡକ୍ଟର ଉମା ଚରଣ ପତି ଧନ୍ୟବାଦ ଦେଇଥିଲେ। ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକମାନଙ୍କ ସହିତ ଶତାଧିକ ଛାତ୍ରଛାତ୍ରୀ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

# ଭାରତନାଟ୍ୟମ୍‌ରେ ପ୍ରଥମସ୍ଥାନ ହାସଲ କଲେ ସୁଭାଂଶୀ




**ସମ୍ବଲପୁର, ୨୯।୧(ସମିସ):** ସମ୍ବଲପୁରର ସର୍ବପ୍ରଥମ ଭାରତନାଟ୍ୟମ୍ ଅନୁଷ୍ଠାନ 'ଉଡ଼ାନ'ର ଛାତ୍ରୀ ସୁଭାଂଶୀ ବହିଦାର ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ହୋଇଥିବା ଏସିଆନ୍ ଡେନ୍ସ ସମ୍ମିଟ୍ ଇଣ୍ଟରନେସନାଲ ଡେନ୍ସ ଚମ୍ପିଆନସିପ୍ କମ୍ପିଟିସନ୍ କ୍ୟାଟେଗୋରୀରେ ପ୍ରଥମ ପୁରସ୍କାର ଅର୍ଜନ କରି ସମ୍ବଲପୁର ତଥା ସାରା ଓଡ଼ିଶାର ନାମ ଉଜ୍ଜ୍ୱଳ କରିଛନ୍ତି। ସୁଭାଂଶୀଙ୍କୁ ଏହି ପଦକ କଥକ ନୃତ୍ୟରେ ପ୍ରତିଷ୍ଠିତ ବ୍ୟକ୍ତି ଶ୍ରୀକୁମାର ଶର୍ମାଙ୍କ ଦ୍ୱାରା ପ୍ରଦାନ କରାଗଲା। ତାଙ୍କ ଏହି ଉପଲବ୍ଧିକୁ ଉଡାନ୍‌ର ନିର୍ଦ୍ଦେଶିକା ତମନ୍ନା ସାମନ୍ତରାୟ, ସୁଭାଂଶୀର କଠିନ ପରିଶ୍ରମ ଓ ମାତା ପିତାଙ୍କ ସମର୍ଥନ ସହିତ ଗୁରୁ ଦେବସ୍ମିତା ନାୟକଙ୍କ ବିଶ୍ୱାସକୁ ସମର୍ପିତ କରିଛନ୍ତି। ଏହା ଆଗାମୀ ଦିନରେ ଅନ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ପୁପୁଡ଼ାରେ ବିଶାଳ ହିନ୍ଦୁ ସମ୍ମିଳନୀ

**ଜମନକିରା, ୨୯ ।୧(ସମିସ):** ଜମନକିରା ବ୍ଲକ ଫାଶୀମାଲ ପଞ୍ଚାୟତ ପୁପୁଡ଼ା ଗ୍ରାମ ଶନି ମନ୍ଦିର ପରିସରରେ ବିଶାଳ ହିନ୍ଦୁ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରମୋଦ ପଟେଲଙ୍କ ସଭାପତିତ୍ୱ, ପୂଜକ ସତ୍ୟ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ସଭା ଆରମ୍ଭ ହୋଇଥିଲା। ଭକ୍ତ କିସାନଙ୍କ ସଂଯୋଜନାରେ ବିଶାଳ ହିନ୍ଦୁ ସମ୍ମିଳନୀରେ ମୁଖ୍ୟଅତିଥି ଭାବରେ ଡ କୁମାର ବିକ୍ରମ, ମୁଖ୍ୟବକ୍ତା ଭାବରେ ରାମକୃଷ୍ଣ ନାଏକ, ସମ୍ମାନିତ ଅତିଥି ଭାବରେ ରାମ ନାରାୟଣ ଭୋଇ, ଯୋଗ ଦେଇ ଥିବାବେଳେ ଡ଼ କାର୍ତ୍ତିକେଶ୍ୱର ପଧାନ, ଇସାନ ପଶାୟତ, ଗୋଲକ ପଧାନ, ମଣ୍ଟୁ ଭାଇ ପ୍ରଭୃତି ସହ ଯୋଗ କରିଥିବା ବେଳେ ୩ ପଞ୍ଚାୟତରୁ ବହୁ ସଂଖ୍ୟାରେ ପୁରୁଷ ମହିଳା ଯୋଗ ଦେଇ ଥିଲେ।

# ମାଁ ଦୁର୍ଗା ମନ୍ଦିରର ରତ୍ନମୁଦ ଉତ୍ସବ

**ଜମନକିରା, ୨୯ ।୧(ସମିସ):** ଜମନକିରା ବସଷ୍ଟାଣ୍ଡ ଛକରେ ମାଁ ଦୁର୍ଗା ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପ୍ରାତଃରୁ ଚିହ୍ନଟ ହୋଇଥିବା ଅର୍ଜୁନପାଲିଗ୍ରାମ ପାର୍ଶ୍ୱ ଝରଣା ପାଖରୁ ସାହାଡା ବୃକ୍ଷ ଓ ଗ୍ରାମ ମଧ୍ୟରୁ ବରୁଣ ବୃକ୍ଷ ପୂଜାର୍ଚ୍ଚନା କରାଯାଇ ଅଣା ଯାଇଥିଲା। ଉଭୟ ଦାରୁ ଆଣି ଇନ୍ଦ୍ର ଇନ୍ଦ୍ରାଣୀ ମୂର୍ତ୍ତି ତିଆରି କରି ପୂଜା କରଯାଇଥିଲା। ଏହାପରେ କଳସ ଯାତ୍ରାରେ ଜଳ ଆସି ସ୍ଥାପନା ପରେ ରତ୍ନାମୁଦ ପୂଜା ଆରମ୍ଭ ହୋଇ ଥିଲା। ମୁଖ୍ୟ ପୂଜକ ଭାବରେ ଅଶୋକ କୁମାର ପାଣିଗ୍ରାହୀ ପୂଜା ପାଠ କରି ଥିବା ବେଳେ କର୍ତ୍ତା ଭାବରେ ଗ୍ରାମର ଗୋନ୍ତିଆ ହେମନ୍ତ କୁମାର ପଟେଲ ଓ ତାଙ୍କ ପତ୍ନୀ ଦେବକୀ ପଟେଲ ଦାୟିତ୍ୱ



ତୁଲାଇ ଥିଲେ। ସହଯୋଗୀ ପୂଜକ ଭାବରେ ଉମେଶ ପାଣିଗ୍ରାହୀ, ଉମାକାନ୍ତ ପାଣିଗ୍ରାହୀ ଓ ଗୋପାଳ ଶତପଥି ରହିଥିଲେ। ପୂର୍ବାହ୍ନ ୧୦ଟା ରୁ ମନ୍ଦିର ରତ୍ନାମୁଦ ବିଧି ଶୁଭାରମ୍ଭ ହୋଇ ପୂର୍ଣ୍ଣାହୁତି ହୋଇ ଥିଲା। ରତ୍ନାମୁଦରେ ଧାନ, ଗହମ, ସୋରିଷ, ମୁଗ ଓ ଜବଧାନ ସହିତ ପଞ୍ଚଧାତୁ ଭକ୍ତମାନେ ଅର୍ପଣ କରିଥିଲେ। ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ନାମସଂକୀର୍ତ୍ତନ, ଭଜନ, କୃଷ୍ଣଗୁରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପଞ୍ଚାୟତରାଜମନ୍ତ୍ରୀ ରବିନାରାୟଣ ନାଏକ ରତ୍ନ ମୁଦ ଭର୍ତ୍ତି କରିଥିଲେ। ମନ୍ଦିର ନିର୍ମାଣ କମିଟି ସଭାପତି ପିଛାଲୁ ଭୋଇ, ସମ୍ପାଦକ ହେମନ୍ତ ମହାକୁଲ, ଗ୍ରାମଉନ୍ନୟନ କମିଟି ସଭାପତି ସୁବାଷ ସାହୁ, ସମ୍ପାଦକ ସ୍ନେହାଶିଷ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଦୁର୍ଗା ପୂଜାରେ ସହଯୋଗ କରୁଥିବା ସମସ୍ତ କର୍ମକର୍ତ୍ତା, ଗ୍ରାମବାସୀ ସହଯୋଗ କରିଥିଲେ।

# ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ସମ୍ବଲପୁର, ୨୯।୧ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟରେ ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଆଠଦିନିଆ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ସଦର ଏସ୍‌ଡିପିଓ ତୋଫାନ ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ବାଗ କହିଥିଲେ ଆତ୍ମରକ୍ଷା କୌଶଳ ଶିକ୍ଷା କରିବାଦ୍ୱାରା କେବଳ ଶାରୀରିକ ଦକ୍ଷତା ବୃଦ୍ଧି କରେ ନାହିଁ, ମାନସିକ ଦକ୍ଷତା ମଧ୍ୟ ବୃଦ୍ଧି କରିଥାଏ। ଏହାସହିତ ଶ୍ରୀ ବାଗ ନିଜର ଗ୍ରେହାଉଣ୍ଡ ତାଲିମ୍ କାଳୀନ ଅନୁଭୂତି ବର୍ଣ୍ଣନା କରିଥିଲେ। ପ୍ରଶିକ୍ଷଣ ଶିବିର ଅଧିକାରୀ ଡ. ଭାରତୀ




ମିଶ୍ର ଏହି ୮ ଦିନ ବ୍ୟାପୀ କାର୍ଯ୍ୟକ୍ରମର ଏକ ବିଶ୍ଳେଷଣାତ୍ମକ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ବବିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟ ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷିକା ମୀନାରାଣୀ ମଲ୍ଲିକ ଏବଂ ସୁଷମା ସଙ୍ଗୀତା ତିର୍କୀ ମହାବିଦ୍ୟାଳୟର ସମୁଦାୟ ୫୮୯ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀମାନେ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଅଧ୍ୟାପକ ଅଖିଳ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପକ ଭୋଜରାଜ ରୋହିଦାସ ଉତ୍ସବର ସଂଯୋଜନା କରିଥିଲେ।

# ଜଗତ କଲ୍ୟାଣ ପାଇଁ ୨୪ ପ୍ରହର ନାମଯଜ୍ଞ



**ସମ୍ବଲପୁର, ୨୯।୧ (ସମିସ) :** ସମଲେଶ୍ୱରୀ ମନ୍ଦିର ପରିସରରେ ଜଗତ କଲ୍ୟାଣ ପାଇଁ ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ଆନୁକୂଲ୍ୟରେ ଗୁରୁବାର ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଗୋପାଳଜୀ ମଠର ମହନ୍ତ ହୃଷିକେଶ ଦାଶ ନାମ ଧରାଇଥିଲେ। ଗଙ୍ଗାଧର ରାଏ ସପତ୍ନିକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ମନ୍ଦିର ପୂଜକମାନେ ଉପସ୍ଥିତ ରହିଛନ୍ତି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୯ଟି ସଂକୀର୍ତ୍ତନ ଦଳ ଏଥିରେ ଭାଗ ନେଉଛନ୍ତି। ଏହି ଅବସରରେ ସମ୍ବଲେଶ୍ୱରୀ ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ କୁମାର ବାବୁଙ୍କ ସହ ଟ୍ରଷ୍ଟି ପ୍ରଫୁଲ୍ଲ ହୋତା, ହେମନ୍ତ ଚନ୍ଦ୍ର ମିଶ୍ର, ଦେବକୁମାର ଆଜମେରିଆ, ବୀରେନ୍ଦ୍ର ରାଏ, ସନ୍ତୋଷ ପୃଷେଠ ପ୍ରମୁଖ ବହୁ ଗଣ୍ୟମାଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଏହି ନାମଯଜ୍ଞରେ ସାମିଲ ହୋଇ ଜଗତ କଲ୍ୟାଣ ନିମନ୍ତେ ପ୍ରାର୍ଥନା କରିବାକୁ ସଭାପତି ଶ୍ରୀ ବାବୁ ଅନୁରୋଧ କରିଛନ୍ତି।




# ଭୀମଭୋଇ ଲୋକ ମହୋତ୍ସବ ଉଦ୍‌ଘାଟିତ




**ରେଢ଼ାଖୋଲ, ୨୯ ।୧(ସମିସ)**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ପ୍ରଥମ ଥର ପାଇଁ ଭୀମଭୋଇ ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ ୪ ଦିନ ଧରି ରେଢ଼ାଖୋଲ ସହର ଉତ୍ସବ ମୁଖର ହୋଇ ରହିବ, ପ୍ରଥମ ଦୁଇ ଦିନ ରେଢ଼ାଖୋଲ ଐତିହ୍ୟ, ପରମ୍ପରା, କଳାକୁ ନେଇ ଉପଖଣ୍ଡସ୍ତରୀୟ ସ୍ଥାନୀୟ କଳାକାରମାନେ କଳାପ୍ରଦର୍ଶନ କରିବେ। ଉଦ୍‌ଘାଟନୀ ମହୋତ୍ସବରେ ପ୍ରଥମତଃ ରେଢ଼ାଖୋଲ ଇଷ୍ଟ ଦେବତା ପ୍ରଭୂ ପଞ୍ଚଖଣ୍ଡା ମନ୍ଦିରରେ ପୂଜାର୍ଚ୍ଚନା ପରେ ରେଢ଼ାଖୋଲ ଉପଜିଲ୍ଲାପାଳ ତଥା ଭୀମଭୋଇ ଲୋକ ମହୋତ୍ସବ ଅଧ୍ୟକ୍ଷ ଶ୍ରୀଯୁକ୍ତ ରଶ୍ମିରଞ୍ଜନ ମହନ୍ତଙ୍କ ହସ୍ତରେ ମଶାଲ ଅଗ୍ନି ସଂଯୋଗ କରାଯାଇ ଭବ୍ୟ ମଶାଲ ଶୋଭାଯାତ୍ରାରେ ସନ୍ଥ କବି ଭୀମଭୋଇଙ୍କ ପ୍ରତିମୂର୍ତ୍ତି ଠାରେ ପହଞ୍ଚି ମାଲ୍ୟାର୍ପଣ ପୂର୍ବକ ଦୁଲଦୁଲି, ଦଣ୍ଡ ନୃତ୍ୟ ଓ ଖଞ୍ଜଣି ତାଳେ ତାଳେ ସ୍ଥାନୀୟ କଦମ୍ବ ପଡ଼ିଆ ସ୍ଥିତ ଭୀମଭୋଇ କଳା ମଣ୍ଡପରେ ପହଞ୍ଚିଥିଲେ। ଏହାପରେ ଉପଜିଲ୍ଲାପାଳ ପ୍ରଭୁ ଜଗନ୍ନାଥଙ୍କ ସମ୍ମୁଖରେ ମଶାଲ ପ୍ରତିସ୍ଥାପନ କରିଥିଲେ। ଏହି ଶୋଭାଯାତ୍ରାରେ ରେଢ଼ାଖୋଲ ଉପଖଣ୍ଡର ମାନ୍ୟଗଣ୍ୟ ବ୍ୟକ୍ତି, ଜଣ ପ୍ରତିନିଧି, ଭୀମଭୋଇଙ୍କ ଅନୁଗାମୀ ସାଧୁସନ୍ଥ, ଗଣମାଧ୍ୟମ ପ୍ରତିନିଧି, ସରକାରୀ କର୍ମଚାରୀ, ବୁଦ୍ଧିଜୀବୀଙ୍କ ସହ ଜନସାଧାରଣ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ। ଏହା ପରେ ସନ୍ଧ୍ୟାରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ପଞ୍ଚଖଣ୍ଡାଙ୍କ ଠାରେ ଦୀପ ପ୍ରଜ୍ୱଳନ କରି ଉପଜିଲ୍ଲାପାଳ ମହୋତ୍ସବକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଶିବରାମ ସାହୁ, ବ୍ରହ୍ମ ଅବଧୂତ ବାବା ଆନନ୍ଦ ଚନ୍ଦ୍ର ଦାସ ଏବଂ ଅନ୍ୟାନ୍ୟ ସାଧୁସନ୍ଥ ମଞ୍ଚାସିନ ରହି ଏହି ମହୋତ୍ସବ କୁ ଦୀର୍ଘାୟୁ କାମନା କରି ଏଥିରେ କଠିନ ପରିଶ୍ରମ ଫଳ ଉପଯାନ ହୋଇଛି ବୋଲି ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏଥିରେ ପ୍ରଣାମ ଅନୁଷ୍ଠାନ ନୃତ୍ୟ ଦଳ, କେପସୁଲ କିଡ୍ସ କଳାକାର ଶ୍ରୀ ଜଗନ୍ନାଥ ପ୍ରଣାମୀ ନୃତ୍ୟ, କିସିଣ୍ଡା ହାଇସ୍କୁଲ ସମ୍ବଲପୁରୀ ନୃତ୍ୟ, ଡାଲଖାଇ ନୃତ୍ୟ ମୋଚିବହାଲ ନୃତ୍ୟ ଦଳ, ନାକଟିଦେଉଳ ଆଦର୍ଶ ବିଦ୍ୟାଳୟର ନୃତ୍ୟ ଦଳ ପ୍ରମୁଖ ସମେତ ଅନ୍ୟ କଳାକାରଙ୍କ ନୃତ୍ୟ କଳା ପ୍ରଦର୍ଶନରେ ଦର୍ଶକ ବିମୋହିତ ହୋଇଥିଲେ। ମଞ୍ଚରେ ଏନ୍‌ଏସି କାଉନସିଲରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆମ୍ବାଭୋନା ଦେଇ ଛତିଶଗଡ଼ରୁ ଓଡ଼ିଶାକୁ ବେଆଇନ ଚାଲାଣ

ଅମ୍ବାଭୋନା, ୨୯ ।୧(ସମିସ)



ବରଗଡ଼ ଜିଲ୍ଲାର ଆମ୍ବାଭୋନା ବ୍ଲକ ଦେଇ ଛତିଶଗଡ଼ ପଟୁ ଶହଶହ ସଂଖ୍ୟାରେ ଟ୍ରକ ଓ ହାଇୱା ଯୋଗେ ଟିକସ ଫାଙ୍କି ବ୍ୟାପକ ଭାବେ ଚିପ୍ସ ଓ ମେଟାଲ ଚାଲାଣ ହେଉଥିବା ଅଭିଯୋଗ ହେଉଛି । ଭାରୀଯାନ ଚଳାଚଳ ଫଳରେ ଅଞ୍ଚଳର ରାସ୍ତାଗୁଡ଼ିକ ଦବିଯାଇ ଭୟଙ୍କର ଭାବେ ନଷ୍ଟ ହେଉଛି । ଯାତାୟାତ କ୍ଷେତ୍ରରେ ସାଧାରଣ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଣଓସାରିଆ ଓ ସଂକୀର୍ଣ୍ଣ ରାସ୍ତା ଦେଇ ଶହ ଶହ ଭାରୀଯାନ ଚଳାଚଳ କରିବାରୁ ସମଗ୍ର ଅଞ୍ଚଳ ଧୁଳିମୟ ହୋଇପଡ଼ୁଛି । ଏହାର ପ୍ରଭାବ ସିଧାସଳଖ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ଉପରେ ପଡ଼ୁଛି । ରାସ୍ତା ଦେଇ ଯାଉଥିବା ସମୟରେ ସେମାନେ ଗୁରୁତର ଅସୁବିଧା ଭୋଗୁଛନ୍ତି । ବିଶେଷ କରି ସାପ୍ତାହିକ ବଜାର ଦିନମାନଙ୍କରେ ସମସ୍ୟା ଆହୁରି ଜଟିଳ ହୋଇଯାଉଛି । ଗୋଟିଏ ପଟେ ବ୍ୟବସାୟୀମାନେ ରାସ୍ତାକୁ ଆଉଜି ପସରା ମେଲାଇଥିବା ବେଳେ, ଅନ୍ୟପଟେ ଭାରୀଯାନ ଚଳାଚଳ ଯୋଗୁଁ ସାଧାରଣ ଲୋକଙ୍କ ଯିବାଆସିବା ବହୁତ ଅସୁବିଧା ହୋଇପଡ଼ୁଛି । ଫଳରେ ଟ୍ରାଫିକ ସମସ୍ୟା ଦେଖାଯାଉଛି । ଜିଲ୍ଲା ପ୍ରଶାସନିକ ଦୃଷ୍ଟି ଆଢୁଆଳରେ ଏହି ବ୍ୟାପକ ଅବୈଧ ଚିପ୍ସମେଟାଲ ଚାଲାଣ ଚାଲିଥିଲେ ମଧ୍ୟ ସେଲଟେକ୍ସ, ପରିବହନ ବିଭାଗ, ମାଇନିଂ ବିଭାଗ ଓ ରାଜସ୍ୱ ବିଭାଗ ନିରବ ଦର୍ଶକ ସାଜିଥିବା ଅଭିଯୋଗ ହେଉଛି । ଛତିଶଗଡ଼ରୁ ଓଡ଼ିଶାକୁ ମେଟାଲ ଚାଲାଣ ହେଉଥିବାରୁ ଓଡ଼ିଶା ରାଜ୍ୟ ରୟାଲଟି ହରାଉଛି । ଅନ୍ୟପଟେ ବାଇପାସ୍ ରାସ୍ତା ଦେଇ ଟିକସ ଫାଙ୍କି ଚାଲାଣ ହେଉଥିବାରୁ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱହାନୀ ହେଉଛି ।

**ଓଡ଼ିଶାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି**

ସୂଚନା ଥାଉକି, ଛତିଶଗଡ଼ ରାଜ୍ୟର ରାୟଗଡ଼ ଓ ଚନ୍ଦ୍ରପୁର ଅଞ୍ଚଳରୁ ହାଇୱା ଯୋଗେ ପ୍ରତିଦିନ ଓଭରଲୋଡିଂ ଚିପ୍ସ ଓ ମେଟାଲ ବୋଝେଇ ହାଇୱା ଦ୍ୱାରା ପଶ୍ଚିମ ଓଡ଼ିଶାର ବରଗଡ଼ ଜିଲ୍ଲାର ବିଭିନ୍ନସ୍ଥାନକୁ ଓଭରସ୍ପିଡ୍‌ରେ ଯାଉଛି । ଏହା ଫଳରେ ଅଞ୍ଚଳରେ ଦୁର୍ଘଟଣା ଘଟୁଥିବା ମଧ୍ୟ ଦେଖିବାକୁ ମିଳୁଛି । ଜିଲ୍ଲା ପ୍ରଶାସନର ଉଦାସୀନତା ଯୋଗୁଁ ସାଧାରଣ ଜନତା ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଆମ୍ବାଭୋନା ଓ ଭଟଲି ତହସିଲ ମୁଖ୍ୟ କାର୍ଯ୍ୟାଳୟ ସାମ୍ନା ଦେଇ ଏହି ଚାଲାଣ ହେଉଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଙ୍କୁଶ ନଥିବାରୁ ଓଡ଼ିଶା ରାଜ୍ୟର ବ୍ୟାପକ ରାଜସ୍ୱହାନୀ ହେଉଛି । ଏହି ସମଗ୍ର ଘଟଣା ଉପରେ ବରଗଡ଼ ଜିଲ୍ଲାପାଳ ତୁରନ୍ତ ଦୃଷ୍ଟିଦେଇ କଠୋର ପଦକ୍ଷେପ ନେବାକୁ ସାଧାରଣ ଜନତାଙ୍କ ମଧ୍ୟରେ ଦାବି ଜୋର ଧରୁଛି । ଏ ନେଇ ବରଗଡ଼ ମାଇନିଂ ବିଭାଗକୁ ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିବାବେଳେ ସେ ଫୋନ୍ ଉଠାଇ ନଥିଲେ ।

## ବରପାଲିରେ ନାମଯଜ୍ଞ ମହୋତ୍ସବର ଶତବାର୍ଷିକୀ



ବରପାଲି, ୨୯ ।୧(ସମିସ): ବରପାଲି ମଧ୍ୟପଡ଼ା ଦୁର୍ଗାମନ୍ଦିର ସମ୍ମୁଖରେ ନାମଯଜ୍ଞ ଶତବାର୍ଷିକି ମହୋତ୍ସବ ଶୁଭାରମ୍ଭ ହୋଇଯାଇଛି । ଫେବୃୟାରୀ ୧ତାରିଖ ଯଜ୍ଞର ପୁର୍ଣ୍ଣାହୂତୀ, ନଗର ସଂକୀର୍ତ୍ତନ ପରିକ୍ରମା ହେବ । ଏହି କାର୍ଯ୍ୟକ୍ରମ ୯୨୬ ମସିହାରେ ତତ୍‌କାଳୀନ ବୈଷ୍ଣବ ଧର୍ମାବଳମ୍ବୀ ଭକ୍ତବୃନ୍ଦ ତଥା ଅଞ୍ଚଳବାସୀଙ୍କ ସହଯୋଗରେ ଆରମ୍ଭ ହୋଇଥିଲା । ଯାହାକି ଆଜିକାର ଦିନରେ ଏକଶତ ବର୍ଷରେ ପଦାର୍ପଣ ହୋଇପାରିଛି । ନାମଯଜ୍ଞ ମହୋତ୍ସବରେ ଚଳିତବର୍ଷ ଶତାଧିକ କୀର୍ତ୍ତନମଣ୍ଡଳୀ ଯୋଗଦାନ କରିବେ ।

## ଗାଇସମା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବରଗଡ଼, ୨୯ ।୧(ସମିସ): ଗାଇସୀମା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏଥିରେ ଅବସରପ୍ରାପ୍ତ ଶିକ୍ଷକ ମୀନକେତନ ସାହୁ, ଗାଇସୀମା ସରପଞ୍ଚ ଧୀରନ ମହାପାତ୍ର ଓ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟର ଅଧ୍ୟକ୍ଷ ବଳିଷ୍ଠ ମହାପାତ୍ର, ପୂର୍ବତନ ସିଆରସିସି ନାରେନ ନାଗ, ସିଆରସିସି ସୁଦର୍ଶନ ଲୁହା, ଧାଙ୍ଗେର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ପ୍ରଧାନ, ଶିକ୍ଷକ ସନ୍ତୋଷ ଷଡ଼ଙ୍ଗୀ, ପ୍ରଧାନଶିକ୍ଷକ ଧବଳେଶ୍ୱର ସାହୁ, ଯୁଧିଷ୍ଠୀର ମହାପାତ୍ର, ଶିକ୍ଷୟିତ୍ରୀ ଲାବନ୍ୟ ସାହୁ, ଶିକ୍ଷକ ପାଣ୍ଡବ ସାହୁ ସହ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ । ସୌମ୍ୟ ସାମିନି ଧନ୍ୟବାଦ ଅର୍ପଣ କରିଥିଲେ ।

**● ପିଇବା ପାଣି ପାଇଁ କଟାପାଲିରେ ହାହାକାର**

## ବିଡିଓଙ୍କ ଦ୍ୱାରସ୍ଥ ହେଲେ ମହିଳା



ଭେଡେନ, ୨୯ ।୧(ସମିସ): ଭେଡେନ ବ୍ଲକ ଅଧୀନ ଅଇଲାପାଲି ପଞ୍ଚାୟତ କଟାପାଲି ଗ୍ରାମର ହରିଜନ ପଡ଼ାରେ ଲୋକେ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି । ଉକ୍ତ ପଡ଼ାରେ ୪୦/୫୦ ପରିବାର ରହୁଥିବା ବେଳେ ମାତ୍ର ଗୋଟିଏ ନଳକୂପ ଅଛି । ତାହା ପୁଣି ଦୀର୍ଘ ମାସ ହେବ ଅଚଳ ଅବସ୍ଥାରେ ଅଛି । ଫଳରେ ପାଣି ଟିକିଏ ପାଇଁ ଡହଳ ବିକଳ ହେଉଛନ୍ତି । ଲୋକେ ବାଧ ହୋଇ କୂଅ, ପୋଖରୀ ପାଣି ପିଇ ନାନାଦି ରୋଗ ବ୍ୟାଧିରେ ପଡୁଛନ୍ତି । ଅଚଳ ନଳକୂପର ମରାମତି ନେଇ ଅନେକ ଥର ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, ନିର୍ବାହୀ ଯନ୍ତ୍ରୀଙ୍କୁ ଗୁହାରି କଲେ ମଧ୍ୟ ଶୁଣୁନଥିବାରୁ ତାର ପ୍ରତିବାଦରେ ଗ୍ରାମର ମହିଳାମାନେ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

## ଚାଲିଗଲେ ‘ନନ୍ଦରାଜା’ ସତ୍ୟନାରାୟଣ



ବରଗଡ଼, ୨୯ ।୧(ସମିସ): ଧନୁଯାତ୍ରାରେ ନନ୍ଦରାଜା ଭୂମିକାରେ ଅଭିନୟ କରୁଥିବା ସତ୍ୟନାରାୟଣ ପୋଡ଼ଙ୍କର ଆଜି ବିୟୋଗ ଘଟିଛି । ୧୯୬୮ରୁ କିଛି ବର୍ଷ ପାଇଁ ସେ ଗୋପ ବାଳକ ଭୂମିକାରେ ଅଭିନୟ କରିଥିଲେ । ବାପା ବସୁଦେବ ପୋଡ଼ ଓ ମାତା ବୈଦେହୀ ପୋଡଙ୍କଠାରୁ ପ୍ରେରଣା ପାଇ ସେ ଧନୁଯାତ୍ର ପ୍ରତି ଆକର୍ଷିତ ହୋଇଥିଲେ ଓ ପିତାଙ୍କ ବିୟୋଗ ପରେ ସେ ନନ୍ଦରାଜା ଭୂମିକାରେ ଅଭିନୟ କରିଥିଲେ । ବର୍ଷର ମାତ୍ର ୧୧ ଦିନ ପାଇଁ ସେ ନନ୍ଦରାଜା ହୋଇ ବାକି ଦିନ ସେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଭକ୍ତିରେ ତଲ୍ଲିନ ହୋଇ କୃଷ୍ଣଙ୍କ ପ୍ରଜା ଭାବେ ଜୀବନ ବିତାଉଥିବା କଥା ନିଜର ଏକ ସାକ୍ଷାତକାର ରେ ସେ ପ୍ରକାଶ କରିଥିଲେ । ତାଙ୍କର ବିୟୋଗ ବରଗଡ଼ ଧନୁଯାତ୍ରା ପ୍ରତି ଏକ ଅପୂରଣୀୟ କ୍ଷତି । ତାଙ୍କର ବିୟୋଗରେ ସମଗ୍ର ଗୋପପୁର (ଅମ୍ବାପାଲି) ଓ ମଥୁରା (ବରଗଡ଼)ରେ ଶୋକର ଛାୟା ଖେଳିଯାଇଛି । ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, ଅକ୍ରୁର ମଲ୍ଲିକ, ରାଜେନ୍ଦ୍ର ପ୍ରସାଦ ସିଂ, ଅଶୋକ କୁମାର ବେହେରା, ଗୋପାଳ କୃଷ୍ଣ ଦାଶ, ରାଜେଶ୍ ଶତପଥୀ, ସଙ୍କଳ୍ପ ଷଡଙ୍ଗୀ, ଡ.ରବି ନାରାୟଣ ସାହୁ, ଶଙ୍କର ପଟ୍ଟନାୟକ, ଦିଲୀପ ସାୱାଡ଼ିଆ, ସାମ୍ବାଦିକ ଦୀପକ ଶର୍ମା, ରବି ନାରାୟଣ ପଣ୍ଡା, ଆରୁପନନ୍ଦ୍ ସାହୁ, ଅବନୀ ପଣ୍ଡା ପ୍ରମୁଖ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ବଡ ପୁଅ ବଣ୍ଟି ପୋଡ଼ ମୁଖାଗ୍ନି ଦେଇଥିଲେ ।

**ଗୋପପୁରରେ ଶୋକର ଛାୟା**

**ନାଟ୍ୟ ସଂସଦର ପ୍ରସ୍ତୁତି ବୈଠକ**

## ଆସନ୍ତା ୭ରୁ ‘ଉତାଲଗଡ଼ ଉତ୍ସବ’



ବିଜେପୁର, ୨୯ ।୧(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ତାଳପଦର ସ୍ଥିତ ଖଗେଶ୍ୱର ମଣ୍ଡପରେ ଅନୁଷ୍ଠିତ ହେବାକୁ ଥିବା ସମ୍ବଲପୁରୀ କୋଶଲି ଭାଷାର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ‘ଉତାଲଗଡ଼ ଉତ୍ସବ’ ପାଇଁ ପ୍ରସ୍ତୁତଲ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ହୃଦମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଯୋଜକ ସୁଶାନ୍ତ ମିଶ୍ର ମହୋତ୍ସବର ସବିଶେଷ ରୂପରେଖ ସଂକ୍ରାନ୍ତରେ ଆଲୋଚନା କରିଥିଲେ । ବିଗତବର୍ଷମାନଙ୍କ ଭଳି ଚଳିତ ବର୍ଷ ୭ ଓ ୮ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବରେ ସର୍ବମୋଟ ୬ଟି ସମ୍ବଲପୁରୀ ଭାଷାର ନାଟକ, ଲୋକଗୀତ, ଲୋକନୃତ୍ୟ ପ୍ରଦର୍ଶିତ ହେବ । ପ୍ରଥମ ଦିବସରେ ଅଦୃଶ୍ୟ ନାଟ୍ୟ ଆଶ୍ରମ ସମ୍ବଲପୁରର ନାଟକ ‘ଫେର ସେ ଶ୍ରବଣ’, ଦହିତା ମହାବିଦ୍ୟାଳୟର ‘ନୂଆଁଖାଇର ଭାବ’, ଡ୍ରାମା ଚେତନା ସୋହେଲାର ‘ବୁକା’ ଏବଂ ଦ୍ୱିତୀୟ ଦିବସରେ ଲୁ ପଦ୍ମପୁରର ‘ବଳିଦାନ’, ବିଣାପାଣି ନାଟ୍ୟ ସଂସଦ ବଡକର୍ଲେ ସୋନପୁରର ‘ଗୁଟେ ରାତିର କଥା’ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପାରଫର୍ମିଙ୍ଗ ଆର୍ଟର ‘ଶକୁନ୍ତଳା’ ନାଟକ ପ୍ରଦର୍ଶିତ ହେବ । ସମ୍ମାନ, ସମ୍ବର୍ଦ୍ଧନା, ଆଲୋଚନା ଚକ୍ର, ବହି ପସରା, ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ ଆଦିର ସମନ୍ୱୟରେ ଏହି ମହୋତ୍ସବ ଅନୁଷ୍ଠିତ ହେବ । ସର୍ବଶ୍ରୀ ସୋମନାଥ ପଧାନ, ପପଟଲାଲ ଭୋଇ, ନବୀନ ପଧାନ, ସର୍ଜନ ପଧାନ, ଗଜାନନ ସାହୁ, କ୍ଷିତିପତି ରଣା, ବାସୁଦେବ ପଧାନ, ଭସ୍କର ସାହୁ, ବିବେକାନନ୍ଦ ପଧାନ, ସୁଦର୍ଶନ ବନଛୋର, ଚୈତନ୍ୟ ବିଶ୍ୱାଳ, ନେତ୍ରାନନ୍ଦ ସାହୁ, ସୁଶାନ୍ତ ସାହୁ, ଗଣନାଥ ପଧାନ, ରମେଶ ଚନ୍ଦ୍ର ଭୋଇ, ଦେବାଶିଷ ପଧାନ, ସତ୍ୟପ୍ରକାଶ ପଧାନ, ଗଣନାଥ ପ୍ରଧାନ, ଦୀପକ ସାହୁ, ମୁକେଶ ସାହୁ, ଆଲୋକ ସାହୁ, ମିକୁ ସାହୁଙ୍କ ସମେତ ବହୁ ସଂଖ୍ୟାରେ ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସୁଶାନ୍ତ ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ନେତାଜୀ କପ୍ କ୍ରିକେଟ୍; ବୁଢ଼ୀମାଲ ଚାମ୍ପିଅନ



ପଦ୍ମପୁର, ୨୯ ।୧(ସମିସ): ପଦ୍ମପୁର ନିକଟସ୍ଥ ଲୋହାରପାଲିଠାରେ ଚାଲିଥିବା ୬ଷ୍ଠ ନେତାଜୀ କପ୍ କ୍ରିକେଟ୍ ଉଦ୍‌ଯାପିତ ହୋଇଯାଇଛି । ସୋମବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବୁଢ଼ୀମାଲ ନେହରୁ ସ୍ପୋର୍ଟିଂ, ପଦ୍ମପୁରକୁ ହରାଇ ଚାମ୍ପିଅନ ହୋଇଛି । ଉଦ୍‌ଯାପନୀ ଉତ୍ସବରରେ ମୁଖ୍ୟ ଅତିଥି ଭାବେ ଅଭିଷେକ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ନରେନ୍ଦ୍ର ପ୍ରଧାନ, ବିରେନ୍ଦ୍ର ପ୍ରଧାନ, ପ୍ରବୀଣ ବାରିକ, ସୁଶାନ୍ତ ମହାନନ୍ଦ, ବିକାଶ କୈବର୍ତ୍ତ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ପୁରସ୍କାର ପ୍ରଦାନ କରିଥିଲେ । ବୁଢ଼ୀମାଲ ଦଳର ଧର୍ମଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ନେହରୁ ସ୍ପୋର୍ଟିଂ ଦଳର ଢୋଲେଶ୍ୱରଙ୍କୁ ମ୍ୟାନ୍ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା । ସହଦେବ ଓ ଟୁକୁ ଅମ୍ପ୍ୟାରିଂ ଏବଂ ସରୋଜ ଓ ଆଲୋକ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ । ଟିକେଶ୍ୱର ଓ ସମୀର ଧାରା ବିବରଣୀ ପ୍ରଦାନ କରିଥିଲେ । ବିଶ୍ୱନାଥ, ରୁପେଶ, ଗୋବିନ୍ଦ, ଭୂପତି ଓ କ୍ଲବର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ । ଶେଷରେ ଏକଲବ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଲଟିଲା କେନ୍ଦୁ କାଠ ବୋଝେଇ ଗାଡ଼ି

ମେଲଛାମୁଣ୍ଡା, ୨୯ ।୧(ସମିସ): ଭାରସାମ୍ୟ ହରାଇ ଓଲଟି ଦୁର୍ଘଟଣାଗ୍ରସ୍ତ ହେଲା କାଠଗଣ୍ଡି ଚୋରାଚାଲାଣ କରି ନେଉଥିବା ଗାଡ଼ି । କେନ୍ଦୁ କାଠଗଣ୍ଡି ବୋଝେଇ ଗାଡ଼ି ଘେଁସ ରେଞ୍ଜ୍ ଅଧୀନସ୍ଥ ଝୁଲେନ ବରଗଛ କୁଚିପାଲି ମଧ୍ୟସ୍ଥ ବିଜୁଏକ୍ସପ୍ରେସ ୱେରୁ ପାର୍ଶ୍ୱସ୍ଥ ଏକ ଚାଷଜମିକୁ ଓଲଟି ପଡ଼ିଥିଲା । ଗତ ବୁଧବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଥିବା ସୂଚନା ରହିଛି । ଆଜି ସକାଳେ ଘେଁସ ବନ ବିଭାଗୀୟ କର୍ମଚାରୀମାନେ ଦୁର୍ଘଟଣାଗ୍ରସ୍ତ ସ୍ଥାନରେ ପହଞ୍ଚି ସମସ୍ତ କାଠଗଣ୍ଡି ଓ ଗାଡ଼ିଟିକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛନ୍ତି ।

**● ଋଣ ଟଙ୍କା ନେଇ ବିବାଦ**

## ଦୁଇ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ପଦ୍ମପୁର, ୨୯ ।୧(ସମିସ): ଋଣ ଟଙ୍କା ଫେରସ୍ତ ନେଇ ହୋଇଥିବା ବିବାଦକୁ କେନ୍ଦ୍ର କରି ଧମକ ଓ ଅଶ୍ଳୀଳ ଗାଳିଗୁଲଜ କରିବା ମାମଲାରେ ଅଦାଲତ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସୂଚନା ଅନୁସାରେ ୨୦୨୨ ଜୁନ ୨୮ ତାରିଖ ରାତି ପ୍ରାୟ ୯.୪୦ ସମୟରେ ଭେଉଁରିଆ ଗ୍ରାମର ପବିତ୍ର ମୋହନ ମେହେର ପଦମପୁର ଥାନାରେ ହାଜର ହୋଇ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗ ଅନୁଯାୟୀ, ଗୋପାଳ ବରିହା ଓ ହାସା ବରିହା ତାଙ୍କଠାରୁ ଋଣ ଭାବେ ଟଙ୍କା ନେଇଥିଲେ । ଟଙ୍କା ଫେରସ୍ତ ଦାବି କରିବାରୁ ଅସନ୍ତୁଷ୍ଟ ହୋଇ ୨୭.୦୬.୨୦୨୨ ରାତି ପ୍ରାୟ ୯ଟା ସମୟରେ ଅଭିଯୁକ୍ତମାନେ ସୂଚନାଦାତାଙ୍କ ଘର ସାମ୍ନାକୁ ଆସି ତାଙ୍କୁ ଓ ପରିବାର ସଦସ୍ୟଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଏହି ମାମଲାରେ ଅଦାଲତ ଅଭିଯୁକ୍ତ ଗୋପାଳ ବରିହା ଓ ହାସା ବରିହାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଦୁଇ ଅଭିଯୁକ୍ତଙ୍କୁ ପ୍ରତ୍ୟେକଙ୍କୁ ୨, ୦୦୦ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଜରିମାନା ଅନାଦେୟ ହେଲେ ୬ ମାସର ସରଳ କାରାଦଣ୍ଡ ଭୋଗିବାକୁ ହେବ ବୋଲି ଅଦାଳତ ରାୟ ଦେଇଛନ୍ତି ।

## ଝାରବନ୍ଧ ଥାନାରେ ନୂତନ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଝାରବନ୍ଧ, ୨୯ ।୧(ସମିସ): ଓଡ଼ିଶା ଛତିଶଗଡ଼ ସୀମାନ୍ତରେ ଅବସ୍ଥିତ ଝାରବନ୍ଧ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଶୁକ୍ରା ମାଢ଼ୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଏହା ପୂର୍ବରୁ କୋରାପୁଟ ଜିଲ୍ଲାର ମାଛକୁଣ୍ଡ ଥାନାରେ ବେଶ ପ୍ରଶଂସା ସାଉଁଟିଥିଲେ । ଝାରବନ୍ଧ ଥାନା ସୀମାନ୍ତ ଅଞ୍ଚଳ ହେବାରୁ ପୁଲିସ ପାଇଁ ଏଠାରେ ଆଇନ-ଶୃଙ୍ଖଳା ରକ୍ଷା ସହ ଆନ୍ତର୍ରାଜ୍ୟ ଅପରାଧ ନିରୋଧ ଏକ ମୁଖ୍ୟ ଦାୟିତ୍ୱ ରହିଛି । ପଦଗ୍ରହଣ ପରେ ଶ୍ରୀ ମାଢ଼ି କହିଛନ୍ତି ଯେ ଜନସାଧାରଣଙ୍କ ସହ ସହଯୋଗୀ ସମ୍ପର୍କ ଗଢ଼ି ଅଞ୍ଚଳରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବାକୁ ପ୍ରାଥମିକତା ଦିଆଯିବ । ଲୋକଙ୍କ ଅଭିଯୋଗ ତୁରନ୍ତ ସମାଧାନ ପାଇଁ ପୁଲିସ ପ୍ରତିବଦ୍ଧ ରହିବା ସହିତ ଅଞ୍ଚଳର ନିଶା କାରବାରରେ ରୋକ ପାଇଁ ଧ୍ୟାନ ଦେବେ ବୋଲି ଜଣାଇଛନ୍ତି ।

## ସିଏମ୍ ଟ୍ରଫି ଜୁନିୟର ଫୁଟବଲ ପ୍ରତିଯୋଗିତା ଲାଗି ଚୟନ

ବରଗଡ଼, ୨୯ । ୧(ସମିସ): ଚଳିତବର୍ଷ ଅନୁଷ୍ଠିତ ହେବାକୁ ଥିବା ସିଏମ୍ ଟ୍ରଫି ଜୁନିୟର ଫୁଟବଲ ପ୍ରତିଯୋଗିତା ପାଇଁ ବରଗଡ଼ ଜିଲ୍ଲାର ବିଭିନ୍ନ ଫୁଟବଲ ଦଳ ଗଠନ ପାଇଁ ଚୟନ ପ୍ରକ୍ରିୟା ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଆରମ୍ଭ ହୋଇଛି । ଏହି ପ୍ରକ୍ରିୟା ଆସନ୍ତା ଦୁଇ ଦିନ ଧରି ଚାଲିବ । ଏଥିରେ ଯେଉଁ ଖେଳାଳିମାନେ ପୂର୍ବରୁ ଅନ୍‌ଲାଇନ ଜରିଆରେ ରେଜିଷ୍ଟ୍ରେସନ କରିଛନ୍ତି, ସମସ୍ତ ଖେଳାଳି ଶୁକ୍ରବାର ଓ ଶନିବାର ଦିନ ମଧ୍ୟରେ ଷ୍ଟାଡିୟମରେ ସକାଳ ୮ ଟା ସମୟରେ ଉପସ୍ଥିତ ରହିବାକୁ ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର ଓ ଫୁଟବଲ ସମ୍ପାଦକ ସେକ ସବଦର ଜଣାଇଛନ୍ତି । ଗୁରୁବାର ଏହି ପ୍ରକ୍ରିୟାରେ ୬୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ ।

## ମହିଳା ସମିତି ପକ୍ଷରୁ ରକ୍ତଦାନ ଶିବିର ବୈଠକ

ବରଗଡ଼, ୨୯ । ୧(ସମିସ): ବରଗଡ଼ ଜିଲ୍ଲାରେ ରକ୍ତ ସଂକଟ ସମସ୍ୟାକୁ ଦୃଷ୍ଟିରେ ରଖି ନେହରୁ ଆସୋସିଏସନ ମହିଳା ସମିତି ପକ୍ଷରୁ ଏକ ମହିଳା ରକ୍ତଦାତା ଶିବିର ଆୟୋଜନ କରାଯିବ । ଏ ସମ୍ପର୍କରେ ନେହେରୁ ଏସୋସିଏସନ ପକ୍ଷରୁ ଆୟୋଜିତ ଏକ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଏହି ରକ୍ତଦାନ ଶିବିରରେ କେବଳ ମହିଳା ରକ୍ତଦାତା ମାନେ ସାମିଲ ହେବେ । ମହିଳା ସଶକ୍ତିକରଣ ସହିତ ମହିଳା ମାନଙ୍କୁ ରକ୍ତଦାନ କ୍ଷେତ୍ରରେ ଆଗୁଆ ଭୂମିକା ନିର୍ବାହ କରିବା ପାଇଁ ପ୍ରେରିତ କରିବା ଏହି ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମହିଳା ସମିତିର ସଭାପତି ସୁଷମା ଭୋଇ କହିଛନ୍ତି । ମହିଳା ସମିତିର ସାଧାରଣ ସମ୍ପାଦିକା ଅନୁପମା ମିଶ୍ର କହିଛନ୍ତି ଯେ, ଆଗାମୀ ଫେବୃଆରୀ ୨୮ ତାରିଖ ଦିନ ଏହି ମହିଳା ରକ୍ତଦାନ ଶିବିର ଆୟୋଜିତ ହେବ । ଆଜିର ବୈଠକରେ ନେହରୁ ଆସୋସିଏସନର ସଭାପତି କେନେଡ଼ି ରାଜ, କାର୍ଯ୍ୟକାରୀ ସଭାପତି ସଞ୍ଜୀବ ରାଓ, ମହିଳା ସମିତିର ବରିଷ୍ଠ ସଦସ୍ୟା ସମାଜସେବୀ କଲ୍ୟାଣି ଦାଶ, ପରାମର୍ଶଦାତା ପ୍ରେମାନନ୍ଦ ଭୋଇ, ଡା. ଅଜିତ କୁମାର ଦର୍ଜୀ, ଆନନ୍ଦ ପ୍ରଧାନ, ସତ୍ୟଜିତ ଦାଶ ସହ ମହିଳା ସମିତିର ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ ।

## ପାଇକମାଲ ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ପାଇକମାଲ, ୨୯ ।୧(ସମିସ): ପାଇକମାଲ ଆମ ପୁଲିସ ଆନୁକୂଲ୍ୟରେ ଗୁରୁବାର ସଡ଼କ ସୁରକ୍ଷା ସଚେତନତା ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି । ପାଇକମାଲ ମୁଖ୍ୟ ଛକରେ ଓ ବଜାର ଛକରେ ସଚେତନ କରାଯାଇ ହେଲମେଡ଼ ପିନ୍ଧି ନଥିବା ବାଇକ ଚାଳକଙ୍କୁ ହେଲମେଡ଼ ପିନ୍ଧିବା ପାଇଁ ତାଗିଦ କରାଯାଇଥିଲା । ନବୋଦୟ ବିଦ୍ୟାଳୟ, ଯମୁନାକନ୍ଧୁଣି ବାଳିକା ଉଚ୍ଚ ବିଦ୍ୟାଳୟ, ପାଇକମାଲ ହାଇ ସ୍କୁଲରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ସଡ଼କ ସୁରକ୍ଷା, ଜୀବନ ରକ୍ଷା ସ୍ଲୋଗାନ ଦେଇ ସଚେତନ କରାଯାଇଥିଲା ଏଥିରେ ପାଇକମାଲ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ, ସାମ୍ବାଦିକ ବଡ ଶତପଥୀ, ଅରବିନ୍ଦ ପାତ୍ର, ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡା, ପ୍ରଧାନ ଶିକ୍ଷକ ଦ୍ୱାଦଶ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ ।

## ସଂସଦରେ ଧାନକିଣା ସମସ୍ୟା ଉଠାଇଲେ ନିରଞ୍ଜନ



ପଦ୍ମପୁର, ୨୯ ।୧(ସମିସ): ସଂସଦର ବଜେଟ ଅଧିବେଶନ ଦ୍ୱିତୀୟ ଦିବସରେ ରାଜ୍ୟ ସଭାରେ ସାଂସଦ ନିରଞ୍ଜନ ବିଶି ଓଡ଼ିଶାର କୃଷକମାନଙ୍କ ଖରିଫ ଧାନ ବିକ୍ରୟ କରିବାରେ ସରକାରୀ ଅବହେଳା, ମଣ୍ଡି ଅବ୍ୟବସ୍ଥା, ଟୋକନ ସମସ୍ୟା, କଟ୍‌ନୀଛଟନୀ, ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ କିଣିବା କଟକଣା, ଭାରତ ସରକାର ଦ୍ୱାରା ନିର୍ଦ୍ଧାରିତ ଉଚିତ ହାରାହାରି ଗୁଣବତ୍ତା (ଏଫଏକ୍ୟୁ) ର ଉଲଂଘନ ପ୍ରସଙ୍ଗ ଉପସ୍ଥାପନା କରିଥିଲେ । ସାଂସଦ ଶ୍ରୀ ବିଶି ଭାରତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ ଯେ ଓଡ଼ିଶାର ଚାଷୀ ବହୁତ କଷ୍ଟରେ ଅଛନ୍ତି । ଚାଷୀମାନଙ୍କୁ ଟୋକନ ଦିଆଯାଉ ନାହିଁ । ଟୋକନ ଥିବା ଚାଷୀ ଧାନ ମଣ୍ଡିକୁ ନେଲେ, ମିଲର ଧାନ ଉଠାଉ ନ ଥିବାରୁ ଚାଷୀ ମଣ୍ଡିରେ ହଇରାଣ ହେଉଛନ୍ତି । ଚାଷୀମାନେ ଏଫଏକ୍ୟୁ ଶତକଡା ୨୦ ରୁ ୨୨ ପ୍ରତିଶତ ଦାବି କରୁଥିବାବେଳେ ଭାରତ ସରକାର ସମସ୍ତ ରାଜ୍ୟ ପାଇଁ ଶତକଡା ୧୭ ପ୍ରତିଶତ ଏଫଏକ୍ୟୁ ଧାର୍ଯ୍ୟ କରିଛନ୍ତି । କିନ୍ତୁ ଓଡ଼ିଶା ସରକାର ୧୫ ପ୍ରତିଶତ ଏଫଏକ୍ୟୁ ଧାର୍ଯ୍ୟ କରି କୁଇଣ୍ଟାଲ ପିଛା ୮ କେଜି ଧାନ ଚାଷୀ ଠାରୁ କାଟୁଛନ୍ତି ବୋଲି ସାଂସଦ ଶ୍ରୀ ସଦନ ମାଧ୍ୟମରେ ଭାରତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଓଡ଼ିଶା ପାଇଁ ୭୩ ଲକ୍ଷ ମିଲିୟନ ଟନ ଧାନ ସଂଗ୍ରହ କରିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୩ ଲକ୍ଷ ମେଟ୍ରିକ ଟନ ଧାନ ଉଠିଛି, ତେବେ ମାର୍ଚ୍ଚ ସୁଦ୍ଧା ସରକାର ଚାଷୀଙ୍କ ଧାନ କ୍ରୟ କରିବା ଅସମ୍ଭବ ବୋଲି ସାଂସଦ ଶ୍ରୀ ବିଶି ଉଦବେଗ ପ୍ରକାଶ କରିଥିଲେ ।

## ଧାନ ବୋଝାଇ ଟ୍ରକ୍ ଧକ୍କାରେ ବାସଗୃହ ନଷ୍ଟ

ବିଜେପୁର, ୨୯ ।୧(ସମିସ)

ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ଲାଉମୁଣ୍ଡା ଗ୍ରାମର ସନ୍ତୋଷ ସାହୁଙ୍କ ବାସଗୃହ ଉପରେ ୨୬ ଜାନୁୟାରୀରେ ଏକ ଧାନ ବୋଝାଇ ଟ୍ରକ୍ ଦ୍ରୁତ ଗତିରେ ଆସି ଚଢ଼ିଯିବାରୁ ଘରଟି ନଷ୍ଟ ହୋଇଯାଇଛି । ଘଟଣା ପରେ ଘରମାଲିକ ସନ୍ତୋଷ ସାହୁ କ୍ଷତିପୂରଣ ଦାବି କରିଥିବା ବେଳେ, ଲାଉମୁଣ୍ଡା ଗ୍ରାମର ସାନନ୍ଦ ମେହେର ମଧ୍ୟସ୍ଥତା କରି ଘର ପୁନଃନିର୍ମାଣ କରିଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଘଟଣାର ଦୁଇ ଦିନ ପରେ ବଲାଙ୍ଗିର ଜିଲ୍ଲା ବୁଦୁଲା ଧାନ ମଣ୍ଡି ପକ୍ଷରୁ ଆଗଲପୁର ଥାନାରେ ଧାନ ବୋଝାଇ ଟ୍ରକ ନିଖୋଜ ହୋଇଛି ବୋଲି ଏକ ମିସିଂ କେସ୍ ଦାଖଲ କରାଯାଇଥିଲା, ଯାହାକି ଘଟଣାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା । ପୁଣି ଦୁଇ ଦିନ ପରେ ଏହି ‘ନିଖୋଜ’ ଟ୍ରକ ବିଜେପୁର ଥାନାରେ ମିଳିଥିବା ସୂଚନା ମିଳିଥିଲା ଏବଂ ଆଗଲପୁର ଥାନାଧିକାରୀ ଆସି ଗାଡିଟି ନେଇ ଯାଇଥିଲେ । ବିଜେପୁର ଥାନାଧିକାରୀ ସୁଶାନ୍ତମଣି ମହାନ୍ତି ଘଟଣାର ତଦନ୍ତ କରିଥିଲେ । ତଦନ୍ତ କ୍ରମେ ଡ୍ରାଇଭର ଏମ୍. ଭାସ୍କର ସ୍ୱଷ୍ଟ କରିଛନ୍ତି ଯେ ଗାଡିର ଧକ୍କାରେ ଘରଟି ନଷ୍ଟ ହୋଇଛି । ଏହି ବିଷୟରେ ଆଗଲପୁର ଥାନାଧିକାରୀଙ୍କୁ ପଚାରିବାରୁ ସେ ଘଟଣାକୁ ଏଡ଼ାଇ ଯାଇଥିଲେ । ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ସନ୍ତୋଷ ସାହୁ ମାନସିକ ଚାପରେ ରହିଛନ୍ତି । ନ୍ୟାୟ ଆଶାରେ ସନ୍ତୋଷ ସାହୁ ବରଗଡ଼ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ, ଘରମାଲିକଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

**ନ୍ୟାୟ ପାଇଁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ**



# ପାଇକମାଲ ଆକାଂକ୍ଷୀ ବ୍ଲକରେ ତମ୍ବୁରେ ଅଙ୍ଗନବାଡ଼ି

**ବରଗଡ଼, ୨୯।୧(ସମିସ):** ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଅଧୀନ ପଲସଦା (କ) ଅଙ୍ଗନବାଡି କେନ୍ଦ୍ରରେ ନିଜସ୍ୱ ଅଙ୍ଗନବାଡି କୋଠା ନଥିବାରୁ କୁନିକୁନି ଶିଶୁ ମାନେ ଆସ୍ଥାୟୀ ତମ୍ବୁରେ ବିପଦଜନକ ପରିସ୍ଥିତିରେ ପାଠ ପଢୁଥିବା ଘଟଣା ସାମ୍ନାକୁ ଆସିଛି। ଏହି ଅବସ୍ଥା ଦେଖି ସ୍ଥାନୀୟ ଅଭିଭାବକ ଓ ସଚେତନ ନାଗରିକ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପାଇକମାଲ ବ୍ଲକ କେନ୍ଦ୍ର ସରକାରଙ୍କ ଆକାଂକ୍ଷି ବ୍ଲକ ଭାବେ ଘୋଷିତ ହୋଇଥିଲେ ମଧ୍ୟ ଏଭଳି ଦୟନୀୟ ପରିସ୍ଥିତି ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ ବୋଲି ସାମାଜିକ କର୍ମୀ ଓ ଗ୍ରାମବାସୀ କହିଛନ୍ତି। ବର୍ଷା ଓ ଖରା ସମୟରେ ତମ୍ବୁ ମଧ୍ୟରେ ପିଲାମାନଙ୍କ ପାଠ ପଢ଼ିବା ସେମାନଙ୍କ ସୁରକ୍ଷା ନେଇ ଆଶଙ୍କା ସୃଷ୍ଟି ହୋଇଛି। କେବଳ ପଲସଦା ଗାଁ ନୁହେଁ, ପାଇକମାଲ ବ୍ଲକର ଅନେକ ସ୍ଥାନରେ ଏଭଳି ଅସୁରକ୍ଷିତ ପରିବେଶରେ ଅଙ୍ଗନବାଡି କେନ୍ଦ୍ର ଚାଲିଥିବା ଅଭିଯୋଗ ଆସୁଛି। ଏହାର ତଦନ୍ତ କରି ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି। ଏହି ସମସ୍ୟାକୁ ନେଇ ସାମାଜିକ କର୍ମୀ ଦୀପା ବାରିକ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ସେ ତୁରନ୍ତ ଅଙ୍ଗନବାଡି କୋଠା ନିର୍ମାଣ କରି ପିଲାମାନଙ୍କୁ ସୁରକ୍ଷିତ ଶିକ୍ଷା ପରିବେଶ ଯୋଗାଇବାକୁ ଦାବି କରିଛନ୍ତି।




**ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ**

# ଲୁଗାବୁଣା ଓ ପରିବେଶ ସୁରକ୍ଷା ଅନନ୍ତ ମେହେରଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି

**ବରଗଡ଼, ୨୯।୧(ସମିସ)**

ସାଧାରଣତଃ ଜଙ୍ଗଲ ସୃଷ୍ଟି କରିବା ସରକାର କିମ୍ବା ବଡ଼ ସଂସ୍ଥାର କାମ। କିନ୍ତୁ ଜଣେ ବ୍ୟକ୍ତି ନିଜ ହାତର ତନ୍ତକୁ ସାରଥୀ ଏବଂ ଶ୍ରମକୁ ମୂଳଧନ କରି ଏକ ବିରାଟ ଜଙ୍ଗଲ ଛିଡ଼ା କରିପାରେ, ତାହା ବିଶ୍ୱାସ କରିବା କଷ୍ଟକର। ଏହି ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି ବରଗଡ଼ ଜିଲ୍ଲା ପଲ୍‌ସାପାଲି ପଞ୍ଚାୟତ ଅଧୀନ ଘନାମାଲ୍ ଗ୍ରାମର ଅନନ୍ତ କୁମାର ମେହେର। ତାଙ୍କୁ ଦେଖିଲେ ଜଣେ ସାଧାରଣ ମଣିଷ ପରି ମନେ ହୁଅନ୍ତି, କିନ୍ତୁ ତାଙ୍କ ଭିତରେ ରହିଛି ପ୍ରକୃତିକୁ ବଞ୍ଚାଇବାର ଏକ ଅଦମ୍ୟ ନିଶା। ଅନନ୍ତଙ୍କ ଦିନ ଆରମ୍ଭ ହୁଏ ତନ୍ତର ତାଳେ ତାଳେ। କିନ୍ତୁ ତନ୍ତଶାଳାରୁ ବାହାରିବା ପରେ ତାଙ୍କର ସମସ୍ତ ସମୟ କଟେ ପ୍ରକୃତି ସହ। ବିଗତ କିଛି ବର୍ଷ ଧରି ସେ ନିଜ ହାତରେ ଲଗାଇଥିବା ଗଛ ଗୁଡ଼ିକ ଆଜି ବିରାଟ ଜଙ୍ଗଲର ରୂପ ନେଇଛି। କେବଳ ଚାରାରୋପଣ ନୁହେଁ, ବରଂ ଗଛ ଗୁଡ଼ିକର ରକ୍ଷଣାବେକ୍ଷଣକୁ ସେ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି। ଅନନ୍ତ କେବଳ ପରିବେଶବିତ୍ ନୁହନ୍ତି, ସେ ଜଣେ ସୁସାହିତ୍ୟିକ ଓ ସଙ୍କୀର୍ତ୍ତନ ଗାୟକ। ତାଙ୍କ କବିତାର ପ୍ରତିଟି ଶବ୍ଦରେ ପରିବେଶ ପ୍ରତି ଭଲପାଇବା ଓ ସମାଜ ସୁଧାରର ବାର୍ତ୍ତା ଥାଏ। ଗାଁ ମନ୍ଦିରରେ ସଙ୍କୀର୍ତ୍ତନ ଗାଇବା ସମୟରେ ତାଙ୍କର ଭକ୍ତିପୂତ ସ୍ୱର ଗ୍ରାମବାସୀଙ୍କୁ ମନ୍ତ୍ରମୁଗ୍ଧ କରିଥାଏ। ଜଣେ ସ୍ୱଳ୍ପ ରୋଜଗାରକ୍ଷମ ବୁଣାକାର ହୋଇ ହଜାର ହଜାର ଚାରାରୋପଣ କରିବା ଓ ସେଗୁଡ଼ିକୁ ବଞ୍ଚାଇ ରଖିବା ସହଜ ନ ଥିଲା। ଅନେକ ସମୟରେ ଆର୍ଥିକ ଅଭାବ ସତ୍ତ୍ୱେ ସେ ନିଜ ଜିଦ୍‌ରୁ ଓହରି ନାହାନ୍ତି। ଆଜି ତାଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଏହି ସବୁଜ ବଳୟ ଅଞ୍ଚଳର ତାପମାତ୍ରା ନିୟନ୍ତ୍ରଣ କରିବା ସହ ଅନେକ ପଶୁପକ୍ଷୀଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଗଛଟିଏ ଲଗାଇବା ମାନେ ଜୀବନଟିଏ ଗଢ଼ିବା। ଆମେ ପ୍ରକୃତିକୁ ଯାହା ଦେବା, ପ୍ରକୃତି ଆମକୁ ତା'ଠାରୁ ଅଧିକ ଫେରାଇବ। - ଏହା ହିଁ ଅନନ୍ତଙ୍କ ଜୀବନର ମୂଳମନ୍ତ୍ର। ଆଜିର ସମୟରେ ଯେତେବେଳେ ଜଳବାୟୁ ପରିବର୍ତ୍ତନ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି, ସେତେବେଳେ ଅନନ୍ତ କୁମାର ମେହେରଙ୍କ ଭଳି ବ୍ୟକ୍ତିତ୍ୱ ସମାଜ ପାଇଁ ଏକ ଦିଗଦର୍ଶକ। ତାଙ୍କର ଏହି ନିସ୍ୱାର୍ଥପର ସେବା ପାଇଁ ସ୍ଥାନୀୟ ଅଞ୍ଚଳରେ ତାଙ୍କୁ ଉଚ୍ଚ ପ୍ରଶଂସା କରାଯାଉଛି।



# ବିମଳା ଦେବୀଙ୍କ ସ୍ମୃତିରେ ରକ୍ତଦାନ ଶିବିର




**ବରଗଡ଼, ୨୯।୧(ସମିସ):** ବରଗଡ଼ ଶକ୍ତି ନଗର ସ୍ଥିତ ଆକାଶ ଏଣ୍ଟରପ୍ରାଇଜର୍ସରେ ସ୍ୱର୍ଗତ ବିମଳା ଦେବୀ ଅଗ୍ରୱାଲଙ୍କ ସ୍ମୃତିରେ ଆକାଶ ଏଣ୍ଟରପ୍ରାଇଜର୍ସ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ମୁଖ୍ୟ ଅତିଥି ଭାବେ ବରଗଡ଼ର ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଶୁଭାରମ୍ଭ କରିଥିଲେ। ବରେଣ୍ୟ ଅତିଥି ଭାବେ ଛତିଶଗଡ଼ ବିଜେପି ଉପସଭାପତି ଜଗନ୍ନାଥ ପାଣିଗ୍ରାହୀ, ଡ.ପ୍ୟାରିଲାଲ ତ୍ରୀପାଠୀ, ମୂରଲୀ କ୍ରିଷ୍ଣା ଫାଉଣ୍ଡେସନର ପ୍ରତିଷ୍ଠାତା ଡି.ମୂରଲୀ କ୍ରିଷ୍ଣା, ବରଗଡ଼ ପୌରାଧ୍ୟକ୍ଷ କଳ୍ପନା ମାଝୀ, ସାଇ ତ୍ରୀପାଠୀ ଯୋଗ ଦେଇଥିଲେ। ଶିବିରରୁ ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ସର୍ବମୋଟ ୨୦୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସନ୍ଧ୍ୟାରେ ବରଗଡ଼ ରକ୍ତଭଣ୍ଡାରକୁ ଯାଇ ଆଉ ୧୪ ଜଣ ରକ୍ତଦାନ କରିଥିଲେ। ସର୍ବମୋଟ ୨୧୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶେଷରେ ରକ୍ତଦାନ ଶିବିର ପାଇଁ ନିଷ୍ଠା ପରିବାର ତରଫରୁ ସ୍ମୃତି ଫଳକ ଓ ଉପଢୌକନ ଦେଇ ଆକାଶ ଏଣ୍ଟରପ୍ରାଇଜର୍ସକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତାପ ଶେଖର ଅଗ୍ରୱାଲ, ଅଶୋକ ଅଗ୍ରୱାଲ, ପ୍ରଶାନ୍ତ ଅଗ୍ରୱାଲ, ପ୍ରବୀଣ ଅଗ୍ରୱାଲ, ଶୁଭମ ଅଗ୍ରୱାଲ, ଓଶ୍ମ, ହୁଣ୍ଡାଇ ବରଗଡ଼, ଜେସିଆଇ ବରଗଡ଼ଙ୍କ ସହଯୋଗ ଓ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଆକାଶ ଏଣ୍ଟରପ୍ରାଇଜର୍ସର ରାମ ନିବାସ ଅଗ୍ରୱାଲ, ଆକାଶ ଅଗ୍ରୱାଲ, ବିକାଶ ଅଗ୍ରୱାଲ, ସଂଗ୍ରାମ ଅଗ୍ରୱାଲ ଓ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟା ମାନେ ଶିବିର ପରିଚାଳନା କରିଥିଲେ। ସମସ୍ତ ରକ୍ତଦାତା ସହଯୋଗୀ ଶୁଭେଚ୍ଛୁ ସମସ୍ତଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

**୨୧୬ ୟୁନିଟ୍ ରକ୍ତ ସଂଗ୍ରହ**

# ଘେଁସରେ ବିଶାଳ ହିନ୍ଦୁ ସମ୍ମିଳନୀ

**ମେଲଛାମୁଣ୍ଡା, ୨୯।୧(ସମିସ):** ଘେଁସ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପୀଠ ମଞ୍ଚରେ ମଣ୍ଡଳସ୍ତରୀୟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମାଘ ତିଳ ସପ୍ତମୀ ରବିବାର ସକାଳେ ରାମଧୁନର ପବିତ୍ର ଗାନ ସହ ପ୍ରଭାତଫେରୀ ଓ ପୂର୍ବାହ୍ଣ ୯ରେ କଳସଯାତ୍ରା ହୋଇଥିଲା। ପଣ୍ଡିତ ପୁରନ୍ଦର ଶାସ୍ତ୍ରୀଙ୍କ ପୌରୋହିତ୍ୟରେ ନବପ୍ରଭାତ ଆଶ୍ରମର ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ହୋମଯଜ୍ଞ ପରେ ଅଶୋକ ପୂଜାହାରୀଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍ୱାମୀ ସୁରେଶ୍ୱରାନନ୍ଦ, ଅଲେଖସ୍ୱାମୀ ଗିରିଜାବାବା, ଡ.ସତ୍ୟସାଇ ନାୟକ ପ୍ରମୁଖ ହିନ୍ଦୁ ଧର୍ମର ମୌଳିକ ସିଦ୍ଧାନ୍ତ ସହ ଭାରତୀୟ ଆତ୍ମବୋଧ ଓ ଶତ୍ରୁବୋଧ ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ହିନ୍ଦୁ ସାମ୍ମୁଖ୍ୟର ଘେଁସ ମଣ୍ଡଳ ପ୍ରମୁଖ ଡ.ମନୋଜମଣି ମେହେର ସ୍ୱାଗତ ଭାଷଣ ଓ ସେବାଭାରତୀ ପଶ୍ଚିମ ସମ୍ଭାଗ ମୁଖ୍ୟ ହୃଷିକେଶ ନାଗ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଘେଁସ ଶାଖାର ଅନ୍ୟତମ ପ୍ରମୁଖ ଅନୀଲ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଖାଡ଼ିଆ ବାବା, ଡୋଲାମଣି ପଟେଲ, ବୀରେନ୍ଦ୍ର ମେହେର, ଉମାକାନ୍ତୀ ବରିହା, ଶିବପ୍ରସାଦ ସାହୁ, ପ୍ରକାଶ ମିଶ୍ର, ଶ୍ରୀବତ୍ସ ପ୍ରଧାନ, ସଞ୍ଜୀବ ମେହେର ଓ ରାଜେଶ ନନ୍ଦଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଆୟୋଜିତ ସମ୍ମିଳନୀରେ ଘେଁସ, ଝର ଓ ବେହେରାପାଲି ପଞ୍ଚାୟତର ହଜାର ହଜାର ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ଏବଂ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ବେହେରାପାଲି ହାଇସ୍କୁଲର ଛାତ୍ରଛାତ୍ରୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଝରଣା ମେହେର, ଉତ୍ତମ ଭୁଏ, ଗୋକୁଳା ମହାପାତ୍ର, ମଣ୍ଟୁ ଜୈନ, ପ୍ରମୋଦ ସାହୁ, ହେମନ୍ତ ମଣ୍ଡା, ନିମାଇଁ ସାହୁ, ବିନୟ ଦେବତା, ସୀତାରାମ ମେହେର, ମୁଢ଼ ପଟେଲ, କୁଡ଼ା ପଟେଲ, ଗୁଲେଖ ପଟେଲ, ବୁଲ, ଅଫୁଆ, ବେଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ଶରଧାପାଲି ମଣ୍ଡଳସ୍ତରୀୟ ହିନ୍ଦୁ ସମ୍ମିଳନୀ

**ଗାଇସିଲେଟ, ୨୯।୧(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଶରଧାପାଲି ପଞ୍ଚାୟତ ଅଧୀନ ଲେବିଡି ଖେଳପଡ଼ିଆ ଠାରେ ନିରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ଶରଧାପାଲି ମଣ୍ଡଳ ସମଗ୍ର ହିନ୍ଦୁ ସମାଜ ତରଫରୁ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୱତ ପରିଷଦ ଓଡ଼ିଶା ପ୍ରାନ୍ତ ସଭାପତି ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ବାଞ୍ଛାନିଧି ପଣ୍ଡା, ସମ୍ମାନିତ ଅତିଥି ଭାବେ ହୃଷୀକେଶ ନାଗ ସେବା ଭାରତୀ ପ୍ରାନ୍ତ ସଂଗଠନ ମନ୍ତ୍ରୀ, ଦ୍ୱାଦଶ ପ୍ରଧାନ ସଙ୍କୁଳ ପ୍ରମୁଖ ପଦ୍ମପୁର, କୃଷ୍ଣଚନ୍ଦ୍ର ପଣ୍ଡା, କରମ ସିଂ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଗାଁ ପୋଖରୀରୁ ଶତାଧିକ ମହିଳା ପାଣି ଭର୍ତ୍ତି କଳସୀ ଧରି ସଙ୍କୀର୍ତ୍ତନ ସହ ମଣ୍ଡପରେ ପହଞ୍ଚିଥିଲେ। ଏହାପରେ କଳସ ସ୍ଥାପନ ହୋଇ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରମେଶ୍ୱର ସାହୁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାୟ ୧ ହଜାରରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ହିନ୍ଦୁ ସମାଜର ଏକତା, ସାଂସ୍କୃତିକ, ସୁରକ୍ଷା, ପରମ୍ପରାର ମୂଲ୍ୟ ବୁଝିବା ଓ ଯୁବପିଢ଼ିଙ୍କୁ ଦିଗଦର୍ଶନ ଦେବା ପାଇଁ ଏହା ଏକ ମାଧ୍ୟମ ବୋଲି ମୁଖ୍ୟ ଅତିଥି ଡ.ପଣ୍ଡା କହିଥିଲେ। ହିନ୍ଦୁ ସମାଜକୁ ସଂଗଠିତ ଓ ସଚେତନ ରହିବା, ଧର୍ମ ଓ ସଂସ୍କୃତିକୁ ସୁରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ। ହିନ୍ଦୁ ସମାଜ ଜାଗ୍ରତ ହେଲେ ସମାଜ ସୁଦୃଢ଼ ହେବ, ରାଷ୍ଟ୍ର ସଶକ୍ତ ହେବ ଓ ଭବିଷ୍ୟତ ସୁରକ୍ଷିତ ହେବ ବୋଲି ମତପ୍ରକାଶ କରିଥିଲେ। ମଧ୍ୟାହ୍ନ ୧ରେ ବୃହତ୍ ଅନ୍ନଯଜ୍ଞ ଓ ଅନ୍ନପ୍ରସାଦ ବିତରଣ କରାଯାଇଥିଲା। ଦଶମଣୀ ସାହୁ ଗାଇସିଲେଟ ଖଣ୍ଡ ସଂଘ ଚାଳକ, ତପନ ସାହୁ ଖଣ୍ଡ କାର୍ଯ୍ୟବାହ, ବେଦବ୍ୟାସ ପଧାନଙ୍କ ସହଯୋଗ କ୍ରମେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା। ଶେଷରେ ସନ୍ତୋଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ରେ ବରଗଡ଼ ଜିଲ୍ଲା ପୁରୁଷ ଓ ମହିଳା କବାଡ଼ି ଦଳ ଚୟନ

**ବରଗଡ଼, ୨୯।୧(ସମିସ):** ଆସନ୍ତା ଫେବୃୟାରୀ ୨ ତାରିଖରେ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ବରଗଡ଼ ଜିଲ୍ଲା ସିନିୟର ପୁରୁଷ ଓ ମହିଳା କବାଡି ଦଳ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଇଚ୍ଛୁକ ଥିବା ଖେଳାଳିମାନେ ନିଜର ଆଧାର କାର୍ଡ ସାଙ୍ଗରେ ନେଇ ଅପରାହ୍ଣ ୨ଟାରେ ଷ୍ଟାଡିୟମ୍ ପରିସରରେ ଉପସ୍ଥିତ ରହିବାକୁ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର ଓ ଆଉଟ୍ ଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ ଜଣାଇଛନ୍ତି।

# ଘେଁସ ଶିଶୁ ମନ୍ଦିରରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ମେଲଛାମୁଣ୍ଡା, ୨୯।୧(ସମିସ):** ଘେଁସ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଛି। ଗୌରହରି ମିଶ୍ର ଓ ସୁନିତା ମିଶ୍ରଙ୍କ ପୁତ୍ର ଶ୍ରେୟାଂଶ ମିଶ୍ର (ପଞ୍ଚମ ଶ୍ରେଣୀ) ଏବଂ ହୃଷିକେଶ ବାରିକ ଓ ରିଙ୍କି ବାରିକଙ୍କ ପୁତ୍ରୀ କୁମାରୀ ଯୋଗପ୍ରଭା ବାରିକ (ତୃତୀୟ ଶ୍ରେଣୀ) ସରକାରୀ ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରି ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଛନ୍ତି।

# ପୂର୍ବତନ ଫୁଟବଲ ଖେଳାଳିଙ୍କ ପରଲୋକ

**ଭେଡେନ, ୨୯।୧(ସମିସ):** ଭେଡେନ ଅଞ୍ଚଳର ଜଣାଶୁଣା ପୂର୍ବତନ ଫୁଟବଲ ଖେଳାଳି ରାହାସ ବିହାରୀ ସେଠ (୭୬)ଙ୍କ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସେ ଫରେଷ୍ଟର ଚାକିରିରୁ ଅବସର ନେବା ପରେ ଭେଡେନ ରାମଲୀଳା ମହୋତ୍ସବର ସକ୍ରିୟ ସଦସ୍ୟ ଥିଲେ। ତାଙ୍କ ପରଲୋକର ଖବରରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଏକ ବିରାଟ ଶୋଭାଯାତ୍ରାରେ ନିକଟସ୍ଥ ଶ୍ମଶାନରେ ଶେଷକୃତ୍ୟ ପାଇଁ ଲୋକ ପହଞ୍ଚିଥିଲେ। ତାଙ୍କ ବଡପୁଅ ମହେନ୍ଦ୍ର ମୁଖାଗ୍ନି ଦେଇଥିଲେ।



# ଶିକ୍ଷକ ରାଧା ମୋହନଙ୍କ ପରଲୋକ

**ବରଗଡ଼, ୨୯।୧(ସମିସ):** ଅବସରପ୍ରାପ୍ତ ଶିକ୍ଷକ, କବି, ସାହିତ୍ୟିକ ତଥା ଲେଖକରାଧା ମୋହନ ତ୍ରିପାଠୀ (୭୧)ଙ୍କ ଗତ ୨୬ ତାରିଖ ବଲାଙ୍ଗିରରେ ପରଲୋକ ହୋଇଯାଇଛି। ସେ ବରଗଡ଼ ବ୍ଲକ ଅଧୀନ କଟାପାଲି ଗାଁରେ ଜନ୍ମଗ୍ରହଣ କରିଥିଲେ। ବିଭିନ୍ନ ସ୍କୁଲରେ ଶିକ୍ଷାଦାନ କରି ଜଣେ ପ୍ରବୀଣ ଶିକ୍ଷକ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସ୍ୱର୍ଗତ ତ୍ରିପାଠୀ ଜଣେ ସାହିତ୍ୟିକ ସାଙ୍ଗକୁ, କବି, ପ୍ରାବନ୍ଧିକ ଥିଲେ। ତାଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ ଗୁଡିକ ହେଲା ସୌନ୍ଦର୍ଯ୍ୟବୋଧ, ଚଲାପଥର ଗୀତ, କବିତା ପରି କିଛି କିଛି। ଜୀବନ ଜିଜ୍ଞାସା ତାଙ୍କର ଏକ ଲୋକପ୍ରିୟ ପୁସ୍ତକ। ତାଙ୍କର ଶେଷକୃତ୍ୟ ବଲାଙ୍ଗିର ଶ୍ମଶାନରେ ସମ୍ପନ୍ନ ହୋଇଥିଲା। ତାଙ୍କ ପୁଅ ତାପସ ମୁଖାଗ୍ନୀ ଦେଇଥିଲେ। ଶ୍ମଶାନରେ ବହୁ ବନ୍ଧୁ, ସ୍ୱଜନ, ଲେଖକ, ସାହିତ୍ୟିକ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ତ୍ରିପାଠୀଙ୍କ ବିୟୋଗରେ କବି ଦିବ୍ୟ କିଶୋର ଦେବତା, ପରଦେଶୀ ବାରିକ, ଲକ୍ଷ୍ମୀ ନାରାୟଣ ହୋତା, ସୁଶୀଲ ଶତପଥୀ, ଶୁଭେନ୍ଦୁ ସୁଧା ଷଡଙ୍ଗୀ, ସମ୍ବିତ ଦାଶ, ମାନସ ଦେବତା, ଉପେନ୍ଦ୍ର ପ୍ରସାଦ ମେହେର, ପ୍ରକାଶ ବିଶ୍ୱାଳ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି ଏବଂ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।



# ପୂର୍ବତନ ସରପଞ୍ଚ ଗୋପୀନାଥ ପଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଗାଇସିଲେଟ, ୨୯।୧(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ଗ୍ରାମବାସୀଙ୍କ ଅତୁଟ ବିଶ୍ୱାସ, ନିଷ୍ଠା ଓ ସେବାମୂଳକ ନେତୃତ୍ୱର ଐତିହାସିକ ପ୍ରତୀକ ଭାବେ ଲଗାତାର ଗାଇସିଲେଟ ପଞ୍ଚାୟତର ୬ଥର ଅପ୍ରତିଦ୍ୱନ୍ଦୀ ଭାବେ ସରପଞ୍ଚ ହୋଇଥିବା ସ୍ୱର୍ଗତ ଗୋପୀନାଥ ପଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ତାଙ୍କ ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ ଗାଁର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ସଡକ ଓ ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିଲା। ବିଶେଷ କରି ବ୍ଲକ କାର୍ଯ୍ୟାଳୟ, ଉଚ୍ଚବିଦ୍ୟାଳୟ, ମହିଯୁରି କଟା, ମହିଯୁରୀ କଟାରୁ କେନାଲ ତାଙ୍କ ଅବଦାନ ଥିଲା। ୧୯୫୨ରୁ ୧୯୬୮ କ୍ରମାଗତ ଭାବେ ୬ ଥର ଦୀର୍ଘ ୧୭ ବର୍ଷ ଧରି ସରପଞ୍ଚ ରହିଥିଲେ। ୧୯୫୮ରୁ ୧୯୬୮ ଦୀର୍ଘ ୧୦ ବର୍ଷ ଧରି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ତେବେ ତାଙ୍କ ପ୍ରତିମୂର୍ତ୍ତିକୁ ତାଙ୍କ ବଡ ନାତି ପୂର୍ବତନ କୁଳପତି ଉତ୍କଳ ସଂସ୍କୃତି ମହାବିଦ୍ୟାଳୟ ଓଡ଼ିଶା ପ୍ରଫେସର ଡ.ସାଧୁଚରଣ ପଣ୍ଡା ଉନ୍ମୋଚନ କରିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁ, ବିଡିଓ ଲକ୍ଷ୍ମଣ ମାଝୀ, ଥାନାଧିକାରୀ ଏମ.ମିଞ୍ଜ, ଜିଲ୍ଲାପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ସରପଞ୍ଚ ଶରତ କାଲୋ, ୟୁଥ୍ କ୍ଲବ୍ ସଭାପତି ରଞ୍ଜନ ପଣ୍ଡା ଏବଂ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଡ.ସୁନିଲ ପଣ୍ଡାଙ୍କ ରଚନାରେ ସ୍ୱର୍ଗତ ଗୋପୀନାଥ ପଣ୍ଡାଙ୍କ ଜୀବନୀ ଉପରେ ଆଧାରିତ 'ସରପଞ୍ଚ ବୁଢ଼ା' ନାମକ ଏକ ବହି ଉନ୍ମୋଚନ ହୋଇଥିଲା। ହସ୍ପିଟାଲ ଛକ ଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ଗୋପୀନାଥ ମାର୍ଗ ନାମରେ ନାମିତ କରାଯାଇଥିଲା। ଶେଷରେ ଏକ ସଭା କରି କାର୍ଯ୍ୟକ୍ରମ ସମାପନ ହୋଇଥିଲା।



# ଧର୍ମୀୟ ଉତ୍ସାହରେ ପ୍ରକାଶପୁର

**ଅମ୍ବାଭୋନା, ୨୯।୧(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ପଞ୍ଚାୟତ ସ୍ଥିତ ପ୍ରକାଶପୁର ଗୁଣ୍ଡିଚା ପଡ଼ିଆରେ ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସମ୍ମିଳନୀରେ ଆଖପାଖ ଅଞ୍ଚଳର ବହୁ ଗାଁ ସହିତ ପଡୋଶୀ ରାଜ୍ୟ ଛତିଶଗଡ଼ରୁ ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଆଖପାଖ ଅଞ୍ଚଳରୁ ମହିଳାମାନେ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମହିମା ଆଶ୍ରମର ବାବାମାନେ ହୋମଯଜ୍ଞ ସମ୍ପାଦନ କରିଥିଲେ। ଶିବାଜୀ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହିନ୍ଦୁ ସଭାରେ ଅନେକ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ସଂଘ ଚାଳକ ସନାତନ ପଧାନ, ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ପାତ୍ର, ବିଭାଗ ପ୍ରଚାରକ (ସମ୍ବଲପୁର) ଶ୍ରୀମନ୍ତ ପଧାନ, ଜିଲ୍ଲା କାର୍ଯ୍ୟବାହୀ ତାରାଚନ୍ଦ କଣ୍ଟା, ସେବାଭାରତୀ ପ୍ରଚାର ଓ ପ୍ରଶିକ୍ଷଣ ପ୍ରମୁଖ (ଓଡ଼ିଶା ପଶ୍ଚିମ ପ୍ରାନ୍ତ) ସୌମ୍ୟରଞ୍ଜନ ତ୍ରିପାଠୀ, ବିଦ୍ୟା ଭାରତୀ ସେବା ପ୍ରମୁଖ (ପୂର୍ବକ୍ଷେତ୍ର) ରାମଚନ୍ଦ୍ର ଡନସେନା, ଖଣ୍ଡ କାର୍ଯ୍ୟବାହ (ଅମ୍ବାଭୋନା) ତ୍ରିନାଥ ଭୋଇ, ଖଣ୍ଡ ସମ୍ପର୍କ ପ୍ରମୁଖ ମାଧବ ପାଣ୍ଡେ, ବରଗଡ଼ ଜିଲ୍ଲା ଗାଁ ବିକାଶ ପ୍ରମୁଖ ସରୋଜ ଦେହେରୀ ଓ ସ୍ମଶାନ ବନ୍ଧୁ ଭାବେ ପରିଚିତ ସମାଜସେବୀ ସଂଘମିତ୍ରା ପଟେଲ ଉପସ୍ଥିତ ଥିଲେ। ହିନ୍ଦୁ ମହାସଭାରେ ଅତିଥିମାନେ ନିଜ ନିଜ ଅଭିଭାଷଣରେ ହିନ୍ଦୁ ସୁରକ୍ଷା, ଧର୍ମରକ୍ଷା ଓ ଆଜିର ସମୟରେ ଧର୍ମାନ୍ତରିକରଣରୁ ସଚେତନ ରହିବା ପାଇଁ ଆହ୍ୱାନ କରିଥିଲେ। ହିନ୍ଦୁ ଧର୍ମର ଗର୍ବ ଓ ଗୌରବକୁ ଅତୁଟ ରଖିବା ପାଇଁ ସମସ୍ତଙ୍କୁ ଏକତ୍ର ହେବାକୁ ଆହ୍ୱାନ ଦିଆଯାଇଥିଲା।



**ଗୁଣ୍ଡିଚା ପଡ଼ିଆରେ ହିନ୍ଦୁ ସମ୍ମିଳନୀ**

# ଜିଲ୍ଲା ଯାଦବ ସମାଜ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

**ପଦ୍ମପୁର, ୨୯।୧(ସମିସ):** ପଦ୍ମପୁର ମୁକ୍ତା ଲଜ ଠାରେ ଆସନ୍ତା ମାର୍ଚ୍ଚ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ପାଳିତ ହେବାକୁ ଯାଉଥିବା ବରଗଡ଼ ଜିଲ୍ଲା ଯାଦବ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ ତଥା ଯାଦବ ସମାଜ ମହାସଭା ଏବଂ ନବକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ପାଳନର ପ୍ରସ୍ତୁତି ବୈଠକ ବରଗଡ଼ ଜିଲ୍ଲା ଯାଦବ ସମାଜର ସଭାପତି ରାଜୁ ଘିବେଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱଶାନ୍ତି ମହାଯଜ୍ଞରେ ୧୦୮ ଯୋଡି କର୍ତ୍ତା ଯଜ୍ଞ ସମ୍ପାଦନ କରିବାକୁ ଥିବା ବେଳେ ଧନପତି ବାଗର୍ତି, ସଞ୍ଜୀବ ବଗର୍ତି, ମୋହନ ବନଛୋର ଯଜ୍ଞକର୍ତ୍ତା ହେବାକୁ ଇଚ୍ଛା ପ୍ରକାଶ କରିଥିଲେ। ନୃସିଂହନାଥ ପଶ୍ଚିମ ଓଡ଼ିଶାର ଏବଂ ଛତିଶଗଡ଼ର ଏକ ମୁଖ୍ୟ ଧର୍ମପୀଠ ହୋଇଥିବାରୁ ଏଠାରେ ମଧ୍ୟ ଏକ ବଡଧରଣର ଯାଦବ କଲ୍ୟାଣ ମଣ୍ଡପ ତିଆରି କରାଯିବାର ପ୍ରୟାସ କରାଯିବ ବୋଲି ଆଲୋଚନା କରାଯାଇଥିଲା। ନୃସିଂହନାଥରେ ଯାଦବ କଲ୍ୟାଣ ମଣ୍ଡପ ତିଆରି କରିବାରେ ସ୍ଥାନ ନିରୂପଣ କରିବା ପାଇଁ ସପ୍ତସିନ୍ଧୁ ବଗର୍ତୀ, ଘନଶ୍ୟାମ ଫୁଜି, କେଶବ ଜାଲ, ଗଙ୍ଗାଧର ଚିରଗୁନ ଏବଂ ଅମୃତଲାଲ ବନଛୋରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ନୃସିଂହନାଥ ଠାରେ ଯାଦବ କଲ୍ୟାଣ ମଣ୍ଡପ ମଧ୍ୟ ତିଆରି କରିବା ପାଇଁ ଅତିକମରେ ଏକ କୋଟି ଟଙ୍କାର ବ୍ୟବସ୍ଥା କରାଯିବ ବୋଲି ଘିବେଲା ମତପ୍ରକାଶ କରିଥିଲେ। ପଦ୍ମପୁର ଉପଖଣ୍ଡ ବିଭିନ୍ନ କାର୍ଯ୍ୟ ପରିଚାଳନା ପାଇଁ ପଦ୍ମପୁର ଉପଖଣ୍ଡ ସଂଯୋଜକ ଭାବେ ସପ୍ତସିନ୍ଧୁ ବଗର୍ତ୍ତୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଠକରେ ଓମପ୍ରକାଶ ଭୋଇ, ଗଣପତି ବଗର୍ତ୍ତୀ, ଠାକୁର ପାଣ୍ଡେ, ଢୁଗୁରୁ ଭୋଇ, ମୋତିଲାଲ ପୋଡ, ଟିଙ୍କୁ ବାଗ, ସାହେବକୁଦେଇ, ଝସକେତନ ବଗର୍ତ୍ତୀ, ଉଦ୍ଧବ ଭୁଏ, ସୁବାଷ ଚନ୍ଦ୍ର ହଂସ, ଛେଲିଆ ପୋଢ଼, ସଚ୍ଚିଦାନନ୍ଦ ବାଗ, ଶ୍ରୀନିବାସ ବାଗ, ଧ୍ରୁବଚରଣ ହାତୀ, ଦେବାରଚନ ବାଗ, ସତୁ ଥପା, ନୀଳାଦ୍ରି ମହାକୁଡ, ଶ୍ରୀଧର ହାତୀ, ଶୁଭାକର ବନଛୋର ପ୍ରମୁଖ ପଦ୍ମପୁର ଉପଖଣ୍ଡ ସମସ୍ତ ବ୍ଲକ ସଭାପତି ଏବଂ ସଦସ୍ୟ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ମାନବାଧିକାର ସଂସ୍ଥା ପକ୍ଷରୁ ରକ୍ତଦାନ ଶିବିର

# ବିଧାୟକଙ୍କ ସହ ବଲିଉଡ଼ ଷ୍ଟାରଙ୍କ ମହାମିଳନ

**ବରଗଡ଼, ୨୯।୧(ସମିସ)**

ଅନ୍ତର୍ଜାତୀୟ ମାନବାଧିକାର ସଂଘ ପକ୍ଷରୁ ଗଣତନ୍ତ୍ର ଦିବସ ଅବସରରେ ଦୁଇ ଦିନିଆ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ମାନଙ୍କ ସହିତ ବଲିଉଡର ଚାରି ଜଣ ଫିଲ୍ମ ଷ୍ଟାରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରଥମ ଦିନ ୨୭ ତାରିଖ ହୋଟେଲ ସ୍ୱିଙ୍କା ରେ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ଦ୍ୱାରା ଉଦ୍‌ଘାଟିତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ଦିନ ଯଦୁମଣି ପ୍ରଧାନ ଅଡିଟୋରିୟମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡ଼ତିଆ ତଥା ମୁମ୍ବାଇ ଫିଲ୍ମ ଷ୍ଟାର ରାହୁଲ ରଏ, ସୁଦେଶ ବେରୀ, ସହାବାଜ ଖାଁ, ମୁସ୍ତାକ ଖାଁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହା ସହିତ ଚିତ୍ରା ପ୍ରଡକ୍ସନ ବ୍ୟାନରରେ ପ୍ରଥମ ଫିଲ୍ମର ଶୁଭ ମହୁରତ ଉନ୍ମୋଚିତ ହୋଇଥିଲା। ଚିତ୍ରା ପ୍ରଡକ୍ସନର ସମଲେଶ୍ୱରୀ ଭଜନ ଭାବ ମହନୀ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କ ସହିତ ବରଗଡ଼ ପାଇଁ କ୍ରୀଡ଼ା କ୍ଷେତ୍ରରେ ଜାତୀୟସ୍ତରରେ ସ୍ୱର୍ଣ୍ଣ ପଦକ ବିଜେତା ସନ୍ତୋଷ ପଧାନ ଓ ପାରା ସୁଇମିଂରେ ପଦକ ବିଜେତା ରିତେଶ ମେହେରଙ୍କୁ ସମ୍ମାନିତ କରାଯାଇଥିଲା ବିଧାୟକମାନେ ଆସନ୍ତା ଧନୁଯାତ୍ରାକୁ ଅତିଥି ଭାବେ ଯୋଗଦେବାକୁ ମୁମ୍ବାଇ ହିରୋ ମାନଙ୍କୁ ଆଗତୁରା ନିମନ୍ତ୍ରଣ କରିଥିଲେ। ରକ୍ତଦାନ ଶିବିରରେ ମୋଟ ୮୫ ୟୁନିଟ୍‌ରୁ ଅଧିକ ରକ୍ତ ସଂଗୃହୀତ ହୋଇଥିଲା। ଏ ସବୁ କାର୍ଯ୍ୟକ୍ରମକୁ ପଞ୍ଜାବ କର୍ଣ୍ଣାଲ ରହ୍ୟୁମାନ ରାଇଟସ ଇଣ୍ଟର ନ୍ୟାସନାଲର ସୁପ୍ରିମୋ ନରେନ୍ଦ୍ର ଅରୋରା ସୁଚାରୁ ରୂପେ ପରିଚାଳନା କରିଥିଲେ।




# 'ଏକ୍ ସାମ୍ ସାଇ କେ ନାମ୍' ଭଜନ ସମାରୋହ



**ବରଗଡ଼, ୨୯।୧(ସମିସ):** ବରଗଡ଼ ସାଇପରିବାର ତରଫରୁ ଯଦୁମଣି ପ୍ରଧାନ ଅଡିଟୋରିୟମଠାରେ ସାଇବାବାଙ୍କ ଉପରେ ଭଜନ ସମାରୋହ 'ଏକ୍ ସାମ୍ ସାଇକେ ନାମ୍' ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତଃ ବସନ୍ତ କୁମାର ପଣ୍ଡା, ଚନ୍ଦ୍ର ଶେଖର ଝାଟିଆ, ବିଶ୍ୱଜିତ୍ ବାରିକଙ୍କୁ ସାଇ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କଣ୍ଠଶିଳ୍ପୀ ରବୀନ୍ଦ୍ର ମହାପାତ୍ର, ଗୀତାଞ୍ଜଳି ଷଡ଼ଙ୍ଗୀ, ଲୋପାମୁଦ୍ରା ଦାସ, ଲୀନା ପ୍ରଧାନ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଗୋବିନ୍ଦ ନାଗ, ସାଇ ପରିବାରର ସଭାପତି ପ୍ରଭାତ ଆଦିତ୍ୟ ମିଶ୍ର, ଉପସଭାପତି ପ୍ରୀତେଶ ଦୋରା, ସମ୍ପାଦକ ସୁବ୍ରତ କଣ୍ଟ, କୋଷାଧ୍ୟକ୍ଷ ରାଜକୁମାର ଭଟ୍ଟାଚାର୍ଯ୍ୟ, ସୌଭାଗ୍ୟ ରଞ୍ଜନ ନାୟକ, ଶୈଳେନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ବରାଳ, ପ୍ରଶାନ୍ତ ତ୍ରିପାଠୀ, ହରୀଶ ପଲାୱର, ସୁବାସ ବାରିକ, ରାକେଶ ନାୟକ, ଜ୍ୟୋତି ବିଶି, ମଧୁସୂଦନ ପ୍ରଧାନ, ଆର୍ତ୍ତତ୍ରାଣ ମହାନ୍ତି, ସୁମନ୍ତ ରାଉଳ, ଭରତ ପରିଡ଼ା, ମନୋଜ ନାୟକ, କ୍ଷେତ୍ରପାଳ ଦାଶ, ଅଭିନାସ ପଣ୍ଡାଙ୍କ ସମେତ ସାଇ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

